# ଜୈନ ଧର୍ମ

ପ୍ରାଣନାଥ ମହାନ୍ତି

## 'ଜୈନଧର୍ମ : ସଂକ୍ଷିପ୍ତ ପରିଚୟ' ସଂପର୍କରେ -

ବେଦକୁ ସ୍ୱୀକାର କରୁନଥିବା ଭାରତୀୟ ଧର୍ମମତମାନଙ୍କ ମଧ୍ୟରେ ଜୈନଧର୍ମ ହେଉଛି ଅନ୍ୟତମ । ଏହି ଧର୍ମ ନିଜର ନୈତିକ ଆଚରଣ, ଯଥା - ଅହିଂସା, ତ୍ୟାଗ, ତପସ୍ୟା ଆଦି ଗୁଣକୁ ପ୍ରମୁଖ ବୋଲି ସ୍ୱୀକାର କରେ । 'ଜୈନ' ଶବ୍ଦର ଉତ୍ପତ୍ତି ହେଲା 'ଜୀନ୍' ରୁ, ଯାହାର ଅର୍ଥ ହେଲା - "ସେହି ପୁରୁଷ, ଯେ କି ମାନବୀୟ ବାସନାସକଳ ଉପରେ ବିଜୟ ହାସଲ କରିପାରିଛନ୍ତି ।" ଅର୍ହତ ବା ତୀର୍ଥଙ୍କର ହେଉଛନ୍ତି ସେହି ସ୍ତରର ବ୍ୟକ୍ତି । ସେହି ମାନଙ୍କର ପ୍ରବର୍ତ୍ତିତ ଧର୍ମକୁ ହିଁ ଜୈନଧର୍ମ କୁହାଯାଏ ।

ଜୈନଧର୍ମ ଦୁଇଟି ପ୍ରମୁଖ ଶାଖା ହେଉଛି 'ଦିଗମ୍ବର' ଏବଂ 'ଶ୍ୱେତାମ୍ବର' । ଦିଗମ୍ବରର ଅର୍ଥ ହେଲା - ଦିଗ ହେଉଛି ଅମ୍ବର ବା ବସ୍ତ୍ର ଯେଉଁମାନଙ୍କର ଅର୍ଥାତ୍ ଉଲଗ୍ନ । ଏହା ହେଉଛି ଅପରିଗ୍ରହ ଓ ତ୍ୟାଗର ଜ୍ୱଳନ୍ତ ଉଦାହରଣ । ସମସ୍ତ ପ୍ରକାରଣ ସଂଗ୍ରହର ତ୍ୟାଗ ଏହାର ମୂଳ ଲକ୍ଷ । ଏହି ଶାଖା ମତରେ ସ୍ତ୍ରୀମାନଙ୍କୁ ମୁକ୍ତି ମିଳେ ନାହିଁ, କାରଣ, ସେମାନେ ସଂପୂର୍ଣ୍ଣ ରୂପେ ବସ୍ତ୍ର ତ୍ୟାଗ କରିପାରିବେ ନାହିଁ । ଏହି ଶାଖାର ତୀର୍ଥଙ୍କରମାନଙ୍କର ମୂର୍ତି ସମ୍ପୂର୍ଣ୍ଣ ନଗ୍ନ ହୋଇଥାନ୍ତି । ଏହାର ଅନୁଯାୟୀମାନେ ଶ୍ୱେତାମ୍ବର ଶାଖାଦ୍ୱାରା ମାନ୍ୟ ଅଙ୍ଗ ସାହିତ୍ୟକୁ ମଧ୍ୟ ପ୍ରମାଣିତ ବୋଲି ସ୍ୱୀକାର କରନ୍ତି ନାହିଁ । ଶ୍ୱେତାମ୍ବର ଅର୍ଥ ହୋ - ଯେଉଁମାନେ ଶୁକ୍ଳବସ୍ତ୍ର ପରିଧାନ କରିଥାଆନ୍ତି । ସେମାନେ ନଗ୍ନତାକୁ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ । ସେମାନଙ୍କ ଦେବମୂର୍ତ୍ତିମାନ କଚ୍ଛା ମାରି ବସ୍ତ୍ର ପରିଧାନ କରିଥାଆନ୍ତି । ଏହି ଦୁଇ ସଂପ୍ରଦାୟ ମଧ୍ୟରେ କୌଣସି ମୌଳିକ ଅନ୍ତର ଦେଖାଯାଏ ନାହିଁ । ତେରପନ୍ଥି ନାମରେ ମଧ୍ୟ ଜୈନଧର୍ମର ଗୋଟିଏ ଶାଖା ରହିଛି । ଏହି ମତାବଲମ୍ବୀମାନେ ଉଗ୍ର-ସୁଧାରକରୂପେ ବିବେଚିତ ହୋଇଥାନ୍ତି ।

ଜୈନଧର୍ମାବଲମ୍ବୀମାନଙ୍କର ବିଶ୍ୱାସ ଯେ ଏହି ଧର୍ମ ହେଉଛି ଅନାଦି ଓ ସନାତନ, କିନ୍ତୁ କାଳଦ୍ୱାରା ସୀମିତ । ଅତଃ ଏହା ବିକାଶ ଓ ତିରୋଭାବ କ୍ରମରେ - ଦୁଇ ଚକ୍ର (୧) ଉତ୍ସର୍ପିଣୀ ଓ (୨) ଅବସର୍ପିଣୀ ନାମରେ ବିଭକ୍ତ । ଉତ୍ସର୍ପିଣୀର ଅର୍ଥ ହେଲା ଉର୍ଦ୍ଧ୍ୱ ଗତି । ଏହା ଦ୍ୱାରା ଜୀବ ଅଧୋଗତିରୁ କ୍ରମଶଃ ଉତ୍ତମ ଗତିକୁ ପ୍ରାପ୍ତ ହୋଇଥାଏ ଏବଂ ଅବସର୍ପିଣୀର ଜୀବନ ଓ ଜଗତ୍ କ୍ରମଶଃ ଉତ୍ତମଗତିର ଅଧୋଗତିକୁ ପ୍ରାପ୍ତ ହୋଇଥାଆନ୍ତି । ସେମାନଙ୍କର ମତରେ - 'ବର୍ତ୍ତମାନ ସମୟ 'ଅବସର୍ପିଣୀ'ର ୫ମ ଯୁଗ ଭୋଗ ହେଉଅଛି ।

ଜୈନ ମତରେ ପ୍ରତ୍ୟେକ ଚକ୍ରରେ ଚବିଶ ଜଣ ତୀର୍ଥଙ୍କର ହୋଇଥାନ୍ତି । ପ୍ରଚଳିତ ଚକ୍ରରେ ମଧ୍ୟ ଚବିଶ ଜଣ ତୀର୍ଥଙ୍କର ଅବତରିତ ହୋଇସାରିଲେଣି । ଏହି ଚବିଶ ଜଣଙ୍କ ନାମ ଓ ବୃତ୍ ସୁରକ୍ଷିତ ରହିଅଛି । ଏହି ମତର ଆଦି ତୀର୍ଥଙ୍କର ହେଉଛନ୍ତି ଋଷଭଦେବ । ଏହାଙ୍କୁ ସନାତନଧର୍ମୀ ହିନ୍ଦୁମାନେ ବିଷ୍ଣୁଙ୍କ ଚବିଶ ଅବତାରମଧ୍ୟରୁ ଅନ୍ୟତମ ବୋଲି ଗ୍ରହଣ କରିନେଇଛନ୍ତି । ଏହାଙ୍କଠାରୁ ମାନବ-ଧର୍ମ (ସମାଜ-ନୀତି ଓ ରାଜନୀତି)ର ବ୍ୟବସ୍ଥା ପ୍ରଚଳିତ ହୋଇଅଛି । ଏହି ଧର୍ମର ତ୍ରୟୋବିଂଶ ତୀର୍ଥଙ୍କର ହେଉଛନ୍ତି ପାର୍ଶ୍ୱନାଥ । ଖ୍ରୀଷ୍ଟପୂର୍ବ ୭୭୬ରେ ସେ ନିର୍ବାଣପ୍ରାପ୍ତ ହୋଇଥିଲେ । ଚତୁର୍ବିଂଶ ତୀର୍ଥଙ୍କର ବା ଜୈନଧର୍ମର ଅନ୍ତିମ ପ୍ରବର୍ତ୍ତକ ହେଉଛନ୍ତି ମହାବୀର । ଏହାଙ୍କ ଜନ୍ମ ସମୟ ଖ୍ରୀଷ୍ଟପୂର୍ବ ୫୯୯ ବର୍ଷ । ଲିଚ୍ଛବି ଗଣସଂଘସ୍ଥିତ ବୈଶାଳୀ ନିକଟସ୍ଥ କୁଣ୍ଡିନପୁରରେ ଏହାଙ୍କ ଜନ୍ମ । ପିଲାବେଳେ ତାଙ୍କର ନାମ ଦିଆଯାଇଥିଲା ବର୍ଧମାନ ।

ତିରିଶ ବର୍ଷ ବୟସବେଳେ ସେ ପରିବାର ଓ ସାଂସାରିକ ବନ୍ଧନରୁ ମୁକ୍ତ ହୋଇ ବଣକୁ

ଚାଲିଗଲେ । ବାର ବର୍ଷଯାଏ ଗୋଟିଏ ଆସନରେ ବସି ଅତ୍ୟନ୍ତ ସୂକ୍ଷ୍ମ ବିଚାରରେ ମଗ୍ନ ରହିବାପରେ ତାଙ୍କର ଜ୍ଞାନପ୍ରାପ୍ତି ଓ ସର୍ବଜ୍ଞତାର ଉପଲବ୍ଧି ହେଲା । ତାହା ହେଉଛି ତାଙ୍କର ସମସ୍ତ କର୍ମଉପରେ ବିଜୟଲାଭ ଅବସ୍ଥା ବା 'ଜୀନ' । ତା'ପରେ ଅଷ୍ଟାଦଶ ଗୁଣଯୁକ୍ତ ତୀର୍ଥଙ୍କର ଭାବେ ନିଜର ସିଧାନ୍ତ ମାନଙ୍କୁ ପ୍ରଚାର କରି ମହାବୀର ରୂପେ ପ୍ରସିଦ୍ଧ ଲାଭ କଲେ । ଜୀବନର ବାସ୍ତରୀ ବର୍ଷ ବୟସରେ ସେ ଅନ୍ତିମ ଉପଦେଶ ଦେଇସାରି ନିର୍ବାଣ ପ୍ରାପ୍ତ ହେଲେ ।

ଜୈନଧର୍ମର ଧାର୍ମିକ ଉପଦେଶ ହେଉଛି ମୂଳତଃ ନୈତିକତାପୂର୍ଣ୍ଣ । ସେଗୁଡ଼ିକ ବିଶେଷ କରି ପାର୍ଶ୍ୱନାଥ ଓ ମହାବୀରଙ୍କ ଶିକ୍ଷା ଓ ଉପଦେଶ ମଧ୍ୟରୁ ସଂଗୃହୀତ । ପାର୍ଶ୍ୱନାଥଙ୍କ ମତ ଅନୁଯାୟୀ ଚାରିଗୋଟି ମହାବ୍ରତ ହେଉଛି - (୧) ଅହିଂସା, (୨) ସତ୍ୟ, (୩) ଅସ୍ତେୟ ଓ (୪) ଅପରିଗ୍ରହ, କିନ୍ତୁ ମହାବୀର ସେଥିରେ ବ୍ରହ୍ମଚର୍ଯ୍ୟ ଯୋଗ କରି ୫ମହାବ୍ରତ ରୂପେ ସିଧାନ୍ତ ଘୋଷଣା କଲେ । ବାସ୍ତବରେ ଜୈନଧର୍ମର ମୂଳାଧାରା ହେଉଛି 'ଅହିଂସା' । ମନ, ବଚନ ଓ କର୍ମରେ କାହାରିକୁ ଦୁଃଖ ନଦେବା ହେଉଛି ପ୍ରକୃତ ଅହିଂସା । ଏହାର ସ୍ଥୂଳ ଏବଂ ଅନିବାର୍ଯ୍ୟ ରୂପ ହେଉଛି ପ୍ରାଣିବଧ ନକରିବା । ଜୈନଧର୍ମର ଆଚରଣଶାସ୍ତ୍ର ଅତ୍ୟନ୍ତ ବିଶାଳ । ସେମାନଙ୍କ ମତରେ ତୀର୍ଥଙ୍କର ହିଁ ହେଉଛନ୍ତି ଅତିଭୌତିକ ପୁରୁଷ । ଆତ୍ମାକୁ ପ୍ରକୃତିର ମିଶ୍ରଣରୁ ଉଧାର କରି କୈବଲ୍ୟପ୍ରାପ୍ତି ଅବସ୍ଥାରେ ପହାଇବା ହେଉଛି 'ଜୈନଧର୍ମ ଓ ଦର୍ଶନ'ର ଉଦ୍ଦେଶ୍ୟ । ଜୈନଧର୍ମ କାହାରି ସହାୟତା ବିନା ନିଜର ପୁରଷାର୍ଥଦ୍ୱାରା ହିଁ ପାରମାର୍ଥିକ କଲ୍ୟାଣପ୍ରାପ୍ତିର ମାର୍ଗ ବତାଇଛି । 'ଭାରତୀୟ ଧର୍ମ ଓ ଦର୍ଶନ'କୁ ଏହା ବହୁ ପରିମାଣରେ ପ୍ରଭାବିତ କରିବାରେ ସମର୍ଥ ହୋଇପାରିଛି ।

ସେହି ପ୍ରାଚୀନ ଧର୍ମର କିତ୍ ପରିଚୟ ଦେବା ଉଦ୍ଦେଶ୍ୟରେ ବୈଦିକ ସାହିତ୍ୟର ବିଶିଷ୍ଟ ଆଲୋଚକ ଶ୍ରୀଯୁକ୍ତ ପ୍ରାଣନାଥ ମହାନ୍ତି ଏହି କ୍ଷୁଦ୍ର ପୁସ୍ତିକାଟି ରଚନା କରିଛନ୍ତି । ଏହାଦ୍ୱାରା ପାଠକ-ପାଠିକା ଅବଶ୍ୟ ଉପକୃତ ହେବେ ବୋଲି ଆମର ବିଶ୍ୱାସ । କ୍ଷୁଦ୍ର ହେଲେ ହେଁ ଏହି ଉପାଦେୟ ପୁସ୍ତିକାଟି ପ୍ରକାଶ କରି ରାଷ୍ଟ୍ରଭାଷା ସମବାୟ ପ୍ରକାଶନ ନିଜୁ ଗୌରାବନ୍ୱିତ ମନେ କରୁଛି ।

ରାଷ୍ଟ୍ରଭାଷା ରୋଡ୍, କଟକ-୧ — ସଂପାଦକ

ତା ୨୨।୬।୮୬ — ରାଷ୍ଟ୍ରଭାଷା ସମବାୟ ପ୍ରକାଶନ

# ସୂଚୀପତ୍ର

**ବିଷୟ**


ଆଗମ-ଗ୍ରନ୍ଥ

ଆରାମର ସୂଚୀ

ଅଙ୍ଗମାନଙ୍କର ବର୍ଣ୍ଣନା

ଉପାଙ୍ଗ

ପ୍ରକୀର୍ଣ୍ଣକ

ଛେଦସୂତ୍ର

ସୂତ୍ର

ମୂଳସୂତ୍ର

ଆଗମର ଟୀକା

ଦିଗମ୍ବର ଆରମ

ଷଟ୍‌ଖଣ୍ଡାଗମ

ଜୈନ ପୁରାଣ

# ଜୈନ ଧର୍ମ

ଜୈନଧର୍ମ ଭାରତର ମହତ୍ୱପୂର୍ଣ୍ଣ ଧର୍ମମାନଙ୍କ ମଧ୍ୟରେ ଅନ୍ୟତମ । କାଳକ୍ରମରେ ଏହା ବହୁତ ହିଁ ପ୍ରାଚୀନ ଧର୍ମରୂପେ ସ୍ୱୀକୃତ । ସମୟ ଥିଲା ଯେତେବେଳେ ଜୈନଧର୍ମ ଏବଂ ବୌଧଧର୍ମର ପରସ୍ପର କାଳକ୍ରମ ବିଷୟରେ କୌଣସି ନିଶ୍ଚିତ ମତ ନଥିଲା, ପରନ୍ତୁ ଏବେ ପୁଷ୍ଟ ପ୍ରମାଣମାନଙ୍କ ସହାୟତାରେ ଜୈନଧର୍ମ ବୌଧଧର୍ମଠାରୁ ପ୍ରାଚୀନତା ସିଧ ହୋଇଅଛି । "ଦୀଘନିକାୟ"ରେ ଜୈନଧର୍ମର ଅନ୍ତିମ ତୀର୍ଥଙ୍କର ବର୍ଧମାନ ମହାବୀରଙ୍କ ଉଲ୍ଲେଖ ତତ୍‌କାଳୀନ ବିଖ୍ୟାତାନାମା ଷଟ୍ ତୀର୍ଥଙ୍କରମାନଙ୍କ ମଧ୍ୟରେ "ନିଗଣ୍ଠନାତପୁତ୍" ନାମରେ କରାଯାଇଛି । 'ନିରାଣ୍ଠ' ଶବ୍ଦ ହେଉଛି 'ନିଗ୍ରନ୍ଥ' ଶବ୍ଦର ହିଁ ପାଲୀ ରୂପାନ୍ତର ମାତ୍ର । ଭବ-ବନ୍ଧନର ଗ୍ରନ୍ଥିମାନ ଖୋଲିଦେଉଥିବା କାରଣ ମହାବୀରଙ୍କୁ ଏହି ଉପାଧି ଦିଆଯାଇଥିଲା । ସର୍ବଜ୍ଞ, ରାଗ-ଦ୍ୱେଷର ବିଜୟୀ ଏବଂ ତ୍ରୈଲୋକ୍ୟପୂଜିତ ସିଧପୁରୁଷ ମାନଙ୍କ ("ଅର୍ହତ୍") ଦ୍ୱାରା ପ୍ରଚାରିତ ହେବା ହେତୁ ଏହି ଧର୍ମକୁ "ଆର୍ହତ" କୁହାଯାଏ । ରାଗଦ୍ୱେଷରୂପୀ ଶତ୍ରୁମାନଙ୍କ ଉପରେ ବିଜୟ ପ୍ରାପ୍ତ କରିବା କାରଣ ବର୍ଧମାନ 'ଜିନ' ନାମରେ ବିଖ୍ୟାତ ହୋଇଥିଲେ ଏବଂ ତାଙ୍କଦ୍ୱାରା ପ୍ରଚାରିତ ହେବା କାରଣ ଏହି ଧର୍ମକୁ 'ଜୈନଧର୍ମ' କୁହାଯାଏ । ଏହି ନାମକରଣ ମୂଳରେ ଏହି ଧର୍ମର ଆଚାର ପ୍ରଧାନତା ହିଁ ମୁଖ୍ୟ କାରଣ ।

ଜୈନ ଲୋକେ ନିଜ ଧର୍ମ ପ୍ରଚାରକ ସିଧମାନଙ୍କୁ ତୀର୍ଥଙ୍କର କହନ୍ତି । 'ତୀର୍ଥଙ୍କର' ଶବ୍ଦର ଅର୍ଥ ହେଲା ମାର୍ଗ-ସ୍ରଷ୍ଟା । ପ୍ରସିଧି ଅଛି, ଭିନ୍ନ ଭିନ୍ନ ଯୁଗରେ ଚବିଶ (୨୪) ତୀର୍ଥଙ୍କର ଏହି ଧର୍ମର ପ୍ରଚାର କରିଅଛନ୍ତି । ଏହି ଧର୍ମର ଆଦ୍ୟ ତୀର୍ଥଙ୍କରଙ୍କ ନାମ ହେଲା ଋଷଭଦେବ ଏବଂ ଅନ୍ତିମ ତୀର୍ଥଙ୍କର ହେଲେ ବର୍ଧମାନ ମହାବୀର । ମହାବୀରଙ୍କ ଆଗରୁ ପାର୍ଶ୍ୱନାଥ ଏହି ଧର୍ମର ସିଧାନ୍ତମାନଙ୍କର ବିପୁଳ ପ୍ରଚାର କରିଥିଲେ । ପାର୍ଶ୍ୱନାଥ ଏବଂ ମହାବୀର ନିଃସନ୍ଦେହ ଐତିହାସିକ ବ୍ୟକ୍ତି ଥିଲେ । ପାର୍ଶ୍ୱନାଥଙ୍କ ଜନ୍ମ ଖ୍ରୀଷ୍ଟପୂର୍ବ ନବମ ଶତାବ୍ଦୀରେ କାଶୀରେ ହୋଇଥିଲା । ସେ ସତୁରି (୭୦) ବର୍ଷ ପର୍ଯ୍ୟନ୍ତ ଜୈନଧର୍ମର ଉପଦେଶ ଦେଇ ସମେତ ପର୍ବତ (ଗୟା ଜିଲ୍ଲା) ଉପରେ ନିର୍ବାଣ ପ୍ରାପ୍ତ କରିଥିଲେ । ମହାବୀରଙ୍କ ଜନ୍ମ (ଖ୍ରୀଷ୍ଟପୂର୍ବ ୫୯୯ ଅବ୍ଦ - ଖ୍ରୀଷ୍ଟପୂର୍ବ ୫୨୭ ଅବ୍ଦ) ବୈଶାଳୀ (ମହାଫରପୁର ଜିଲ୍ଲା ବସାଢ଼ ନାମକ ଗ୍ରାମ) ରେ ଜ୍ଞାତୃକ ନାମକ କ୍ଷତ୍ରିୟ ବଂଶରେ ହୋଇଥିଲା । ତାଙ୍କ ପିତାଙ୍କ ନାମ ଥିଲା ସିଧାର୍ଥ ଏବଂ ମାତାଙ୍କ ନାମ ତ୍ରିଶଳା । ଷାଠିଏ ବର୍ଷ ବୟସରେ ସେ ଯତିଧର୍ମ ଗ୍ରହଣ କରି ବଡ଼ କଠୋର ତପସ୍ୟାର ସଧନ କରିଥିଲେ ଏବଂ ତେର ବର୍ଷ କାଳ ଅବିଚ୍ଛିନ୍ନ ଅଭ୍ୟାସଦ୍ୱାରା କୈବଲ୍ୟଜ୍ଞାନ ପ୍ରାପ୍ତ କରିଥିଲେ । ତାଙ୍କର ଏବଂ ପାର୍ଶ୍ୱନାଥଙ୍କ ଶିକ୍ଷାରେ ସାମାନ୍ୟ ଅନ୍ତର ଦୃଷ୍ଟିଗୋଚର ହୁଏ । ପାର୍ଶ୍ୱନାଥ, ଅହିଂସା, ସତ୍ୟ, ଅସ୍ତେୟ ଓ ଅପରିଗ୍ରହ ଏହି ଚାରି ମହାବ୍ରତ ପ୍ରଣୟନ କରି ଏହା ପ୍ରଚଳନ ଉପରେ ଜୋର୍ ଦେଇଥିଲେ । ପରନ୍ତୁ ମହାବୀର ବ୍ରହ୍ମଚର୍ଯ୍ୟକୁ ମଧ୍ୟ ସେତିକି ଉପାଦେୟ ଏବଂ ଆବଶ୍ୟକ ମାନିକରି୫ମ ମହାବ୍ରତ ସ୍ୱୀକାର କରିଥିଲେ । ପାର୍ଶ୍ୱନାଥ ବସ୍ତ୍ରଧାରଣ କରିବାର ପକ୍ଷପାତୀ ଥିଲେ, ପରନ୍ତୁ ମହାବୀର ଅପରିଗ୍ରହ ବ୍ରତର ପୂର୍ତ୍ତିପାଇଁ ବସ୍ତ୍ରପରିଧାନକୁ ମଧ୍ୟ ତ୍ୟାଜ୍ୟ କରିଥିଲେ । ଏହିପରି ଜୈନମାନଙ୍କ ମଧ୍ୟରେ ଶ୍ୱେତାମ୍ବର ଏବଂ ଦିଗମ୍ବର ସଂପ୍ରଦାୟ ଭେଦ ଅତ୍ୟନ୍ତ ପ୍ରାଚୀନକାଳରୁ ଚାଲି ଆସିଛି ।

ମହାବୀରଙ୍କ ମୃତ୍ୟୁପରେ ଜୈନଧର୍ମକୁ ବିଶେଷ ରାଜାଶ୍ରୟ ମଧ ପ୍ରାପ୍ତ ହୋଇଥିଲା । ମଗଧର ନନ୍ଦବଂଶୀ ନରେଶ ଏବଂ କଳିଙ୍ଗର ଅଧିପତି ସମ୍ରାଟ୍ ଖାରବେଳ ଜୈନଧର୍ମର ଅନୁଯାୟୀ ଥିଲେ । ଇତିହାସ ସାକ୍ଷୀ ଅଟେ ଯେ ମୌର୍ଯ୍ୟବଂଶର ସଂସ୍ଥାପକ ସମ୍ରାଟ୍ ଚନ୍ଦ୍ରଗୁପ୍ତ ମଧ ଜୈନଧର୍ମାନୁଯାୟୀ ଥିଲେ । ପ୍ରସିଦ୍ଧି ଅଛି ଯେ ଚନ୍ଦ୍ରଗୁପ୍ତଙ୍କ ରାଜ୍ୟର ଅନ୍ତିମକାଳରେ ବାର ବର୍ଷ ପର୍ଯ୍ୟନ୍ତ ଗୋଟିଏ ବଡ଼ ଦୁର୍ଭିକ୍ଷ ପଡ଼ିଥିଲା । ସେହି ସମୟରେ ପାଟଳିପୁତ୍ରରେ ଜୈନଧର୍ମର ଆଚାର୍ଯ୍ୟ ଥିଲେ ଭଦ୍ରବାହୁ । ଦୁର୍ଭିକ୍ଷ ହେତୁ ଭଦ୍ରବାହୁ ଦକ୍ଷିଣ ଦେଶକୁ ଚାଲିଗଲେ ଏବଂ ପୁନଃ ଲେଉଟି ଆସିଲେ ନାହିଁ । ଭଦ୍ରବାହୁ ଦକ୍ଷିଣ ଦେଶକୁ ଚାଲିଯିବା ପରେ 'ସଂଘଭଦ୍ର' ଜୈନସଂଘର ପ୍ରଧାନ ନେତା ହୋଇଥିଲେ । ସେହି କଠିନ ପରିସ୍ଥିତିରେ ଧର୍ମର କଠୋର ନିୟମ ମାନଙ୍କର ଯଥାବତ୍ ପରିପାଳନ ହେଉ ନଥିବାର ଦେଖି ସଂଘଭଦ୍ର ଜୈନାଚାରରେ ଅନେକ ସଂଶୋଧନ କରିଥିଲେ । ପ୍ରାଚୀନ ସଂଘେ ନଗ୍ନତାର ଆଦର୍ଶର ପ୍ରାଧାନ୍ୟ ଥିଲା, ପରନ୍ତୁ ଏଣିକି ମଗଧ ସଂଘ ଶ୍ୱେତଅମ୍ବର (ଶ୍ୱେତବସ୍ତ୍ର) ଧାରଣ କରିବା ଯତିମାନଙ୍କ ପାଇଁ ନ୍ୟାୟାନୁମୋଦିତ ବୋଲି କୁହାଗଲା । ଏହିପରି ଖ୍ରୀଷ୍ଟପୂର୍ବ ତୃତୀୟ ଶତକଠାରୁ ଜୈନଧର୍ମରେ ଦିଗମ୍ବର ତଥା ଶ୍ୱେତାମ୍ବର ସଂପ୍ରଦାୟମାନଙ୍କର ଉତ୍ପତ୍ତି ହୋଇଥିଲା । ତତ୍ତ୍ୱଜ୍ଞାନ ବିଷୟରେ ଦୁଇମତ ମଧରେ ବିଶେଷ ମତଭେଦ ନାହିଁ, ପରନ୍ତି ଆଚାର ବିଷୟରେ ପର୍ଯ୍ୟାପ୍ତ ମତଭେଦ ରହିଛି । ଦିଗମ୍ବର ସମ୍ପ୍ରଦାୟରେ ଧାର୍ମିକ ନିୟମମାନଙ୍କର ଉଗ୍ରତା ଦେଖାଯାଏ, ପରନ୍ତୁ ଶ୍ୱେତାମ୍ବର ସଂପ୍ରଦାୟରେ ଧାର୍ମିକ ନିୟମାନଙ୍କରେ ଶିଥିଳତା ପରିଦୃଶ ହୁଏ । ଦିଗମ୍ବରମାନଙ୍କର କଥନ ହେଲା (କେବଳୀ) କେବଳ ଜ୍ଞାନସମ୍ପନ୍ନ ପୁରୁଷ ଭୋଜନ କରେ ନାହିଁ ଏବଂ ସ୍ତ୍ରୀ ମାନଙ୍କର ମୋକ୍ଷ ପ୍ରାପ୍ତି ହୁଏ ନାହିଁ । ପୁରୁଷର ଜନ୍ମ ନେଲେ ଯାଇ ସ୍ତ୍ରୀମାନଙ୍କର ମୋକ୍ଷପ୍ରାପ୍ତିର ସମ୍ଭାବନା ଥାଏ । ଜିନଦତ୍ ସୂରି ଏହି ଦୁଇ ବିଷୟରେ ଶ୍ୱେତାମ୍ବରମାନଙ୍କ ସହିତ ଦିଗମ୍ବରମାନଙ୍କ ପାର୍ଥକ୍ୟ ଏହିପରି କହିଅଛନ୍ତି -

ଭୂଂକ୍ତେ ନ କେବଳୀ ନ ସ୍ତ୍ରୀ, ମୋକ୍ଷମେତି ଦିଗମ୍ବରଃ ।
ପ୍ରାହୁଷୋ ମୟଂ ଭେଦୋ, ମହାନ୍ ଶ୍ୱେତାମ୍ବରୈଃ ସହ ।।

## ଆଗମ ଗ୍ରନ୍ଥ

ମହାବୀରଙ୍କ ଉପଦେଶମାନଙ୍କର ସାରତତ୍ତ୍ୱ କେଉଁ ଗ୍ରନ୍ଥମାନଙ୍କରେ ସୁରକ୍ଷିତ ହୋଇଅଛି ? ଏହାର ଉତ୍ତର ଦୁଇ ସଂପ୍ରଦାୟ ଭିନ୍ନ ଭିନ୍ନ ରୂପରେ ଦିଅନ୍ତି । ଶ୍ୱେତାମ୍ବର ସଂପ୍ରଦାୟର କଥନ ହେଲା ଯେ ଆଜିକାଲି ସମୁପଲବ୍ଧ ଜୈନ ଆଗମ ହେଉଛି ମହାବୀରଙ୍କ ଉପଦେଶମାନଙ୍କର ମୂଖ୍ୟ ପ୍ରତିନିଧି । ପରନ୍ତୁ ଦିଗମ୍ବର ସଂପ୍ରଦାୟ ଏଥିରେ ଆସ୍ଥା ରଖେ ନାହିଁ । ଏହି ଆଗମନଙ୍କୁ ଦିଗମ୍ବରମାନେ ମୂଳ ଆଗମ ମାନିବାପାଇଁ ପ୍ରସ୍ତୁତ ନୁହଁନ୍ତି । ଏହି ସବୁ ଆଗମମାନଙ୍କର ଲିପିବଧ ହେବାର ଯେଉଁ ଇତିହାସ ଉପଲବ୍ଧ ହୁଏ ତାହା ମଧ ଏତେ ଅବ୍ୟବସ୍ଥିତ ଯେ ସମଗ୍ର ଜୈନ-ଆଗମନକୁ ମହାବୀର ବାଣୀ ବୋଲି ମାନିବାପାଇଁ ଐତିହାସିକ ମାନେ ମଧ ପ୍ରସ୍ତୁତ ନୁହଁନ୍ତି ।

ମହବୀର ତତ୍‌କାଳୀନ ଲୋକଭାଷାରେ ହିଁ ନିଜ ଉପଦେଶ ଜନତାକୁ ଦେଉଥିଲେ । ଏହି ଲୋକଭାଷାର ନାମ ହେଲା ଅର୍ଧମାଗମୀ ବା ଆର୍ଷ ପ୍ରାକୃତ । ମହାବୀରଙ୍କ ପ୍ରଧାନ ଗଣଧର

(ଶିଷ୍ୟ) ଥିଲେ ଗୌତମ ଇନ୍ଦ୍ରଭୂତି, ଯେ ମହାବୀରଙ୍କ ଉଦେଶମାନଙ୍କୁ ୧୨ 'ଅଙ୍ଗ' ତଥା ୧୪ 'ପୂର୍ବ' ରୂପେର ନିବଧ କରିଥିଲେ । ଏହି 'ଅଙ୍ଗ' ଏବଂ 'ପୂର୍ବ' ସେହି ଗ୍ରନ୍ଥମାନଙ୍କର ନାମ ଅଟେ, ଯହିଁରେ ମହାବୀରଙ୍କ ମୌଖ୍ରି ଶିକ୍ଷାଲିପି ରୂପରେ ନିବଧ କରାଯାଇଥିଲା । ଯେଉଁ ବିଦ୍ୱାନ୍ ସେହି 'ଅଙ୍ଗ' ଏବଂ 'ପୂର୍ବ'ମାନଙ୍କର ପରଗାମୀ ପଣ୍ଡିତ ହେଉଥିଲା ତାଙ୍କୁ 'ଶ୍ରୁତକେବଳୀ' କୁହାଯାଉଥିଲା । ଜୈନ ପରମ୍ପରାରେ ଯେଉଁ ପ୍ରକାରରେ ପ୍ରତ୍ୟକ୍ଷ ଜ୍ଞାନୀମାନଙ୍କ ମଧରେ "କେବଳ ଜ୍ଞାନୀ" ର ପ୍ରତିଷ୍ଠିତ ସ୍ଥାନ ଥିଲା ସେହି ପ୍ରକାରେ ପରୋକ୍ଷ ଜ୍ଞାନୀମାନଙ୍କ ମଧରେ "ଶ୍ରୁତକେବଳୀ"ଙ୍କ ଥିଲା । ଯେପରି କେବଳ ଜ୍ଞାନୀ ସମଗ୍ର ଜଗତ୍‌ର ପଦାର୍ଥମାନଙ୍କୁ ଜାଣନ୍ତି ଏବଂ ଦେଖନ୍ତି ।ସେହିପରି "ଶ୍ରୁତକେବଳୀ" ଶାସ୍ତ୍ରରେ ବର୍ଣ୍ଣିତ ପ୍ରତ୍ୟେକ ବିଷୟକୁ ସ୍ପଷ୍ଟଭାବରେ ଜାଣନ୍ତି । ମହାବୀରଙ୍କ ନିର୍ବାଣ ପରେ ତିନି ଜଣ କେବଳ ଜ୍ଞାନୀ ଏବଂ୫ଜଣ ଶ୍ରୁତକେବଳୀ ହୋଇଥିଲେ । ଏମାନଙ୍କ ମଧରେ ଅନ୍ତିମ ଶ୍ରୁତକେବଳୀ ଥିଲେ ଭଦ୍ରବାହୁ । ଏହି ଭଦ୍ରବାହୁ ଦକ୍ଷିଣ ଦେଶକୁ ଚାଲିଯିବା ପରେ ସ୍ଥଳଭଦ୍ର, ଯେ କି ଜୈନସଂଘର ପ୍ରଧାନ ଥିଲେ, ଜୈନ ଆଗମର ରକ୍ଷା କରିବାପାଇଁ ପାଟଳିପୁତ୍ରରେ ଯତିମାନଙ୍କର ଗୋଟିଏ ମହତୀ ସଭା କରାଇଥିଲେ । ଏହି ସଭାରେ ୧୧ ଅଙ୍ଗ (ଗ୍ରନ୍ଥ) ସଙ୍କଳିତ କରାଯାଇଥିଲା ଏବଂ ୧୪ ପୂର୍ବମାନଙ୍କର ଅବଶିଷ୍ଟ ଭାଗମାନଙ୍କୁ ଏକତ୍ର କରି ଦ୍ୱାଦଶ ଅଙ୍ଗ ନିର୍ମିତ କରାଯାଇଥିଲା, ଯାହାର ନାମ ରଖାଯାଇଥିଲା "ଦିଚ୍ଛିବାଦ" (ଦୃଷ୍ଟିବାଦ)। ପାଟଳିପୁତ୍ରରେ ସଙ୍କଳିତ ଏହି ଅଙ୍ଗ ମଧ କାଳକ୍ରମରେ ଧୀରେ ଧୀରେ ଯେବେ ଅବ୍ୟବସ୍ଥିତ ହୋଇଯାଇଥିଲା, ସେତେବେଳେ ଆର୍ଯ୍ୟସ୍କନ୍ଦଳଙ୍କ ଅଧକ୍ଷତାରେ ମଥୁରାରେ ଗୋଟିଏ ସଭା ହୋଇଥିଲା ଏବଂ ଅଙ୍ଗର ଅବଶିଷ୍ଟତଟ ଭାଗକୁ ସୁବ୍ୟବସ୍ଥିତ ରୂପ ଦିଆଯାଇଥିଲା । ଏହାକୁ ମାଥୁରୀ ବାଚନା କହନ୍ତି । ଏହାପରେ ମହାବୀରଙ୍କ ନିର୍ବାଣର ଦଶମ ଶତାବ୍ଦୀରେ (ଖ୍ରୀଷ୍ଟାବ୍ଦ ୪୫୩ରେ) ବଲ୍ଲଭୀରେ ପୁନର୍ବାର ସଭା କରାଯାଇଥିଲା, ଯହିଁରେ ୧୧ ଅଙ୍ଗ ଗ୍ରନ୍ଥମାନଙ୍କର ସଙ୍କଳନ ହୋଇଥିଲା । ଦ୍ୱାଦଶ ଅଙ୍ଗ ତ ସେତେବେଳକୁ ଲୁପ୍ତ ହୋଇସାରିଥା । ଏହି କାଳ ହେଉଛି ଆଗମ ମାନଙ୍କର ଲିପିବଧ ହେବା ଏବଂ ଅନ୍ତିମ ସଂଶୋଧୀନ ହେବା କାଳ । ଏହିସ୍ଥାର ସଭାପତି ଥିଲେ "ଦେବର୍ଧିଗଣି କ୍ଷମାଶ୍ରମଣ" । ଏହି ଆଗମ ଶ୍ୱେତାମ୍ବର ସମ୍ପ୍ରଦାୟର ମାନ୍ୟତା ଅନୁକୂଳ ଅଟେ ।

## ଆଗମର ସୂଚୀ

ଶ୍ୱେତାମ୍ବରମାନଙ୍କର ସମ୍ପୂର୍ଣ୍ଣ ଜୈନ ଆଗମ ଛଅ ଭାଗରେ ବିଭକ୍ତ ।ସେହି ଭାଗମାନଙ୍କର କ୍ରମ ହେଲା ଏହିପରି -

**(କ) ଅଙ୍ଗ** - ଏହାର ସଂଖ୍ୟା ହେଉଛି ଏଗାର । ଯଥା - (୧) ଆଚାରାଙ୍ଗ, (୨) ସୂତ୍ରକୃତାଙ୍ଗ, (୩) ସ୍ଥାନାଙ୍ଗ, (୪) ସମବାୟାଙ୍ଗ, (୫)ଭଗବତୀ ସୂତ୍ର, (୬) ଜ୍ଞାତାଧର୍ମକଥା, (୭) ଉପାସକଦଶ, (୮) ଅନ୍ତକୃତଦଶା, (୯) ଅନୁତ୍ତୌପପାତିକ ଦଶା, (୧୦) ପ୍ରଶ୍ନବ୍ୟାକରଣ ଏବଂ (୧୧) ବିପାକସୂତ୍ର ।

**(ଖ) ଉପାଙ୍ଗ** - ଏମାନଙ୍କ ସଂଖ୍ୟା ହେଉଛି ବାର ।ଯଥା - (୧୨) ଔପପାତିକ, (୧୩) ରାଜପ୍ରଶ୍ନ, (୧୪) ଜୀବାଧଇଗମ, (୧୫) ପ୍ରଜ୍ଞାପନା, (୧୬) ଜମ୍ବୁଦ୍ୱୀପ ପ୍ରଜ୍ଞପ୍ତି, (୧୭) ଚନ୍ଦ୍ରପ୍ରଜ୍ଞପ୍ତି, (୧୮) ସୂର୍ଯ୍ୟପ୍ରଜ୍ଞପ୍ତି, (୧୯) ନିରୟାବଳୀ, (୨୦) ଜକ୍ପାବତଂସ, (୨୧) ପୁଷ୍ପିକ,

(୨୨) ପୁଷ୍ପଚୂଳିକ ଏବଂ (୨୩) ବୃଷ୍ଣିଦଶା ।

**(ଗ) ପ୍ରକୀର୍ଣକ** - ଏମାନଙ୍କ ସଂଖ୍ୟା ହେଛି ଦଶ । ଯଥା - (୨୪) ଚତୁଃଶରଣ, (୨୫) ଆତୁର ପ୍ରତ୍ୟାଖ୍ୟାନ, (୨୬) ଭକ୍ତ ପରିଜ୍ଞା, (୨୭) ସଂସ୍ତାର, (୨୮) ତଣ୍ଡୁଳବୈତାଳିକ, (୨୯) ଚନ୍ଦ୍ରବେଧକ, (୩୦) ଦେବେନ୍ଦ୍ରସ୍ତବ, (୩୧) ଗଣିବିଦ୍ୟା (୩୨) ମହାପ୍ରତ୍ୟାଖ୍ୟାନ ଏବଂ (୩୩) ବୀରସ୍ତବ ।

**(ଘ) ଛେଦସୂତ୍ର** - ଏମାନଙ୍କ ସଂଖ୍ୟା ହେଉଛି ଛଅ । ଯଥା - (୩୪) ନିଶୀଥ, (୩୫) ମହାନିଶୀଥ, (୩୬) ବ୍ୟବହାର, (୩୭) ଆଚାର ଦଶା ବା ଦଶାଶ୍ରୁତସ୍କନ୍ଧ, (୩୮) ବୃହତ୍ କଳ୍ପ ଏବଂ (୩୯) ୫କଳ୍ପ । ଅନ୍ତିମ ଗ୍ରନ୍ଥର ସ୍ଥାନରେ ଜିନଭଦ୍ର ରଚିତ ଜିନକଳ୍ପର ମଧ ଗଣନା କରାଯାଏ ।

**(ଙ) ସୂତ୍ର** - ଏମାନଙ୍କର ସଂଖ୍ୟା ହେଉଛି ଦୁଇ । ଯଥା - (୪୦) ନନ୍ଦୀସୂତ୍ର ଓ (୪୧) ଅନୁଯୋଗଦ୍ୱାରା ସୂତ୍ର ।

**(ଚ) ମୂଳସୂତ୍ର** - ଏମାନଙ୍କର ସଂଖ୍ୟା ହେଉଛି ଚାରି । ଯଥା - (୪୨) ଉତ୍ତରାଧ୍ୟୟନ୪, (୪୩) ଆବଶ୍ୟକ, (୪୪) ଦଶବୈକାଳିକ ଏବଂ (୪୫) ପିଣ୍ଡ ନିର୍ଯୁକ୍ତି । ତୃତୀୟ ଏବଂ ଚତୁର୍ଥ ମୂଳସୂତ୍ରମାନଙ୍କ ନାମ ଓଘନିର୍ଯୁକ୍ତ ଏବଂ ପାକ୍ଷିକ ସୂତ୍ର ମଧ ଲେଖାଯାଇଥିବା ଜଣାଯାଏ ।

ଉପଯୁକ୍ତ ସୂଚୀ ଦେଖିଲେ ସ୍ପଷ୍ଟ ପ୍ରତୀତ ହୁଏ ଯେ ଏତେ ଗ୍ରନ୍ଥର ରଚନା କୌଣସି ଏକ କାଳର ରଚନା ହୋଇପାରେନା । ଏହାର ପ୍ରାଚୀନତମ ଭାଗ ମହାବୀରଙ୍କ ସାକ୍ଷାତ୍ ଶିଷ୍ୟମାନଙ୍କ ସହିତ ସମ୍ବନ୍ଧ ଏବଂ ଅର୍ବାଚୀନ ତମ ଭାଗ ଦେବର୍ଷିଗଣିଙ୍କ ସମୟର ରଚନା ଅଟେ । ଏହିପରି ଏହି ସମଗ୍ର ଗ୍ରନ୍ଥରାଶିର ରଚନା ଖ୍ରୀଷ୍ଟପୂର୍ବ ୪୦୦ ଅବ୍ଦଠାରୁ ଆରମ୍ଭ କରି ଖ୍ରୀଷ୍ଟପର ୪୦ ଅବ୍ଦ ପର୍ଯ୍ୟନ୍ତ ହୋଇଥିଲା ।

## (କ) ଅଙ୍ଗମାନଙ୍କର ବର୍ଣ୍ଣନା

(୧) ପ୍ରଥମ ଅଙ୍ଗ ହେଉଛି ଆଚାରଙ୍ଗ ସୂତ୍ର । ଏହାର ଦୁଇଟି ବଡ଼ ବଡ଼ ଭାଗ ଅଛି, ଯାହାକୁ ଶ୍ରୁତସ୍କନ୍ଧ କହନ୍ତି । ଏହି ଗ୍ରନ୍ଥରେ ଜୈନ ସାଧୁଙ୍କ ଆଚାରର ବିସ୍ତୃତ ବର୍ଣ୍ଣନା ଅଛି । ପ୍ରଥମ ଭାଗ ଦ୍ୱିତୀୟ ଭାଗ ଅପେକ୍ଷା ପ୍ରାଚୀନତର ପ୍ରତୀତ ହୁଏ । ବୌଧ ସାହିତ୍ୟ ସମାନ ଜୈନ୍ୟ ସାହିତ୍ୟରେ ମଧ ଗଦ୍ୟ-ପଦ୍ୟର ମିଶ୍ରଣ ଉପଲବ୍ଧ ହୁଏ । ଯତିମାନଙ୍କ ବ୍ରତଗୁଡ଼ିକ ବିଧିବତ୍ ପାଳନ କରିବା ଉପରେ ବିଶେଷ ଆଗ୍ରହ ଦର୍ଶାଯାଇଅଛି । ଗ୍ରନ୍ଥର ଶୈଳୀ ଭାଷଣର ଅନୁରୂପ ଅଟେ, ଯାହାକୁ ପଢ଼ିଲେ ଜଣାଯାଏ ଯେପରି କୌଣସି ବକ୍ତା ବ୍ୟାଖ୍ୟାନ ଦେଉଅଛନ୍ତି । ଦ୍ୱିତୀୟ ଖଣ୍ଡ ଅପେକ୍ଷାକୃତ ନବୀନ ଅଟେ, ଏହାର ଅଙ୍ଗମାନଙ୍କର ନାମ ହେଲା 'ଚୂଡ଼ା', ଯାହାର ସଂଖ୍ୟା ହେଉଛି ତିନି । ପ୍ରଥମ ଦୁଇ ଚୂଡ଼ାରେ ଭିକ୍ଷାବୃତ୍ତି ତଥା ଭିକ୍ଷୁ ଏବ ଭିକ୍ଷୁଣୀଙ୍କ ଦିନଚର୍ଯ୍ୟାର ବର୍ଣ୍ଣନା ଅଛି । ତୃତୀୟ ଚୂଡ଼ାରେ ମହାବୀରଙ୍କ ଜୀବନଚରିତ୍ରର ସାମଗ୍ରୀ ରହିଛି ଯାହାର ଉପଯୋଗ ଭଦ୍ରବାହୁ ସ୍ୱକୃତ କଳ୍ପସୂତରେ କରିଅଛନ୍ତି ।

(୨) ଦ୍ୱିତୀୟ ଅଙ୍ଗ ହେଉଛି 'ସୂତ୍ରକୃତାଙ୍ଗ' । ଏଥିରେ ସାଧୁମାନଙ୍କ ଜୀବନଚର୍ଯ୍ୟାର ବର୍ଣ୍ଣନସହିତ ଜୈନେତର ମତମାନଙ୍କର ପ୍ରଧାନତୟା ଖଣ୍ଡନ ଅଛି । ଏହାର ମଧ ଦୁଇ ଭାଗ ଅଛି । ଏହି ଗ୍ରନ୍ଥ ବିଭିନ୍ନ ଛନ୍ଦରେ ନିର୍ମିତ । ଉପଦେଶମାନଙ୍କୁ ଶିକ୍ଷାପ୍ରଦ କରିବା ପାଇଁ ସୁନ୍ଦର ଦୃଷ୍ଟାନ୍ତ ଏବଂ ରୋଚକ ଉପମାନଙ୍କର ଅବତାରଣା କରାଯାଇଛି । ମନୁଷ୍ୟକୁ ବନ୍ଧନରେ ପକାଇବାପାଇଁ ଦୁଇ ପ୍ରଧାନ ପାଶ ହେଲେ - କାମିନୀ ଏବଂ କାନ । ଏମାନଙ୍କ ଫାନ୍ଦରେ ନପଡ଼ିବାପାଇଁ ଯତିମାନଙ୍କୁ ବିଶେଷ ଉପଦେଶ ଦିଆଯାଇଛି । କମିନୀର ଜାଲରେ ପଡ଼ିଥିବା ଯତିମାନଙ୍କର ଦୂରାବସ୍ଥାର ଅଛି ସୁନ୍ଦର ବର୍ଣ୍ଣନ କରାଯାଇଅଛି, ଯହିଁରେ ବ୍ୟଙ୍ଗ ପରିହସାର ପୂଟ ବିଶେଷ ମାତ୍ରାରେ ବିଦ୍ୟାମାନ । ବ୍ରତମାନଙ୍କର ଉଲ୍ଲଂଘନର ପରିଣାମ ହେଉଛି ନରକ ପ୍ରାପ୍ତି ଏବଂ ଏହି ନରକର ବର୍ଣ୍ଣନ ବିସ୍ତୃତଭାବରେ କରାଯାଇଛି । ଏହି ଗ୍ରନ୍ଥର ଅନୁଶୀଳନ କଲେ ତତ୍‌କାଳୀନ ସାଧୁସମାଜର ସୁନ୍ଦର ଚିତ୍ର ଆଖି ଆଗରେ ଆସିଯାଏ ।

(୩) ତୃତୀୟ ଅଙ୍ଗ ହେଲା ସ୍ଥାନାଙ୍ଗ - ଏଥିରେ ବୌଧମାନଙ୍କର ଅଙ୍ଗୁତ୍ର ନିକାୟ ସମାନ ଏକଠାରୁ ଆରମ୍ଭ କରି କ୍ରମଶଃ ଦଶ ସଂଖ୍ୟା ପର୍ଯ୍ୟନ୍ତ ବହୁ ଧାର୍ମିକ ବିଷମାନଙ୍କର ପାଣ୍ଡିତ୍ୟପୂର୍ଣ୍ଣ ବିବେଚନ କରାଯାଇଅଛି । ଏଥିରେ ଗୋଟିଏ ସ୍ଥାନରେ ଲୁପ୍ତପ୍ରାୟ ଦୃଷ୍ଟିବାଦ ଅଙ୍ଗର ବିଷୟମାନଙ୍କର ବର୍ଣ୍ଣନ ରହିଛି, ଯାହା ଐତିହାସିକ ଦୃଷ୍ଟିରୁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ।

(୪) ଚତୁର୍ଥ ଅଙ୍ଗ ହେଉଛି ସମବାୟାଙ୍ଗ - ଏଥିରେ ତୃତୀୟ ଅଙ୍ଗର ବିଷୟମାନଙ୍କର ହିଁ ଅଧିକ ବର୍ଣ୍ଣନ ରହିଛି । ଅତ ଏବ ଏହା ତୃତୀୟ ଅଙ୍ଗର ପରିପୂରକ ବୋଲି ମାନି ନିଆଯାଇଅଛି । ଏହି ଗ୍ରନ୍ଥର ଆଦିରେ ଦ୍ୱାଦଶ ଅଙ୍ଗ ମାନଙ୍କର ନିର୍ଦ୍ଦେଶ ଅଛି ଏବଂ ଚତୁର୍ଦ୍ଦଶ ପୂର୍ବମାନଙ୍କ ବିଷୟଗୁଡ଼ିକର ବର୍ଣ୍ଣନ ଅଛି । ଏହିପରି ଏ ଅଙ୍ଗ ଅନ୍ୟ ଅଙ୍ଗମାନଙ୍କର ବିସ୍ତାର ତଥା ବିବରଣ ପ୍ରସ୍ତୁତ କରିଥିବା କାରଣ ହେଉଛି ଅତୀବ ଉପଯୋଗୀ ।

(୫) ପ□ ଅଙ୍ଗ ହେଉଛି ଭଗବତୀ ସୂତ୍ର । ମହାବୀରଙ୍କ ଚରିତ ଜାଣିବାପାଇଁ ଏହି ଗ୍ରନ୍ଥ ହେଉଛି ସବୁଠାରୁ ଅଧିକ ଉପଯୋଗୀ । ମହାବୀରଙ୍କ ଶିଷ୍ୟ, ସମସାମୟିକ ବ୍ୟକ୍ତିବୃନ୍ଦ ଏବଂ ତାଙ୍କର ମହାନ୍ ବ୍ୟକ୍ତିତ୍ୱକୁ ଉନ୍ମୀଳନ କରୁଥିବା ଏହି ଗ୍ରନ୍ଥ ଐତିହାସିକ ଦୃଷ୍ଟିରୁ ଅଙ୍ଗ ସାହିତ୍ୟରେ ଅଦ୍ୱିତୀୟ ଅଟେ । ମହାବୀରଙ୍କ ଦୈବୀଗୁଣମାନଙ୍କ ସହିତ ମାନବୀୟ ଗୁଣମାନଙ୍କର ବିବରଣୀ ପ୍ରସ୍ତୁତ କରି ଏହି ଗ୍ରନ୍ଥ ସେହି ମହାନ୍ ପୁରୁଷଙ୍କ ବ୍ୟକ୍ତିତ୍ୱର ସମ୍ୟକ୍ ବିଶ୍ଳେଷଣ କରିଅଛି । ଏଥିରେ ବହୁ ଆଖ୍ୟାନମାନଙ୍କର ସଂଗ୍ରହ ଅଛି, ଯାହାଦ୍ୱାରା ମହାବୀର ନିଜର ଶିକ୍ଷାମାନଙ୍କୁ ଜନତାପାଇଁ ରୋଚକ ତଥା ମର୍ମସ୍ପର୍ଶୀ କରିପାରିଥିଲେ । ଏହି କାହାଣୀମାନଙ୍କର ସାହିତ୍ୟିକ ସୌନ୍ଦର୍ଯ୍ୟ ମଧ ବିବାଦମାନ । ଏହି ଗ୍ରନ୍ଥର ପନ୍ଦର ଅଧାୟରେ ମହାବୀରଙ୍କ ସମସାମୟିକ ବ୍ୟକ୍ତିମାନଙ୍କର ପାର୍ଶ୍ୱନାଥଙ୍କ ଶିଷ୍ୟମାନଙ୍କର ଏବଂ ମଙ୍ଖୁଳିପୁର ଗୋସାଳଙ୍କର - ପ୍ରମାଣିକ ତଥା ଐତିହାସିକ ବିବେଚନ ଅଛି । ଆଜୀବନ ତଥା ଜୈନ ସମ୍ପ୍ରଦାୟଙ୍କ ପ୍ରାଚୀନ ଇତିହାସ ଜାଣିବା ପାଇଁ ଏହି ଅଧାୟର ଉପଯୋଗିତା ହେଉଛି ଅତ୍ୟଧିକ ।

(୬) ଷଷ୍ଠ ଅଙ୍ଗର ପ୍ରକୃତ ନାମ ହେଉଛି "ନାୟାଧମ୍ମକହାତ' ଏବଂ ଏହାର ସଂସ୍କୃତ ନାମ "ଜ୍ଞାତ ଧର୍ମ କଥା" ଅଟେ । "ଜ୍ଞାତ" ଏକ ରକମର ବିଶିଷ୍ଟ କଥାମାନଙ୍କର ପ୍ରକାର ଅଟେ,

ଯହିଁରେ କୌଣସି ବିଶିଷ୍ଟ ଘଟଣା କିମ୍ବା କୌଣସି ବିଶିଷ୍ଟ ବାକ୍ୟ ଉପରେ ପୁରା ଘଟଣାଚକ୍ର କାହାଣୀ ରୂପରେ ଅବଲମ୍ବିତ ରହେ । ଏହି ନାମକରଣର ଅନୁରୂପ ହିଁ ଅଙ୍ଗରେ ଜୈନଧର୍ମର ଶିକ୍ଷାମାନଙ୍କର ବିଶଦ ରୂପରେ ବର୍ଣ୍ଣନ କରୁଥିବା କତାମାନଙ୍କର ସୁନ୍ଦର ସଂଗ୍ରହ ଏଠାରେ ପ୍ରସ୍ତୁତ କରାଯାଇଅଛି । ସାହିତ୍ୟିକ ଦୃଷ୍ଟିରୁ ଏହି କଥାମାନ ଅତି ସୁନ୍ଦର ଓ ରୋଚକ ଅଟନ୍ତି । ବୌଧ ଧର୍ମରେ ଜାତକମାନଙ୍କର ଯେଉଁ ମହତ୍ୱପୂର୍ଣ୍ଣ ସ୍ଥାନ ଅଛି, ଜୈନ ଧର୍ମରେ ସେହି ସ୍ଥାନ ଅଙ୍ଗବର୍ଣ୍ଣିତ କଥାମାନଙ୍କୁ ମଧ ପ୍ରାପ୍ତ ହୋଇଅଛି । କତିପୟ କଥା ତୀର୍ଥଙ୍କରମାନଙ୍କ ବିଷୟରେ ମଧ ଦିଆଯାଇଅଛି । ଶ୍ୱେତାମ୍ବର ସମ୍ପ୍ରଦାୟ ଅନୁସାରେ ଜୈନ ତୀର୍ଥଙ୍କରମାନଙ୍କ ମଧରେ 'ମଲ୍ଲୀ' ନାମକ ଜଣେ ତୀର୍ଥଙ୍କର ଥିଲେ । ଦିଗମ୍ବର ଲୋକେ ଏହାକୁ ପୁରୁଷ ମାନନ୍ତି, ପରନ୍ତୁ ଶ୍ୱେତାମ୍ବର ଲୋକେ ଏହାକୁ ସ୍ତ୍ରୀ ମାନନ୍ତି । ଏ ପ୍ରସଙ୍ଗରେ ଏହି ଗ୍ରନ୍ଥ ଏକ ସୁନ୍ଦର କଥାର ଉଲ୍ଲେଖ କରିଅଛି, ଯେଉଁଥିରେକି 'ମଲ୍ଲୀ' ତାଙ୍କୁ ବିବାହ କରିବାପାଇଁ ଆସିଥିବା ପୁରୁଷମାନଙ୍କୁ କେଉଁ ପ୍ରକାର ଜୀବନର ଅସାରତା ସଂପର୍କରେ ବ୍ୟାବହାରିକ ରୂପରେ ଦେଖାଇଅଛନ୍ତି । ଏହି ଗ୍ରନ୍ଥ ଭାରତୀୟ କଥା ସାହିତ୍ୟର ଇତିହାସରେ ପ୍ରମୁଖ ସ୍ଥାନ ରଖେ ।

(୭) ସପ୍ତମ ଅଙ୍ଗର ନାମ ହେଉଛି "ଉପାସଗଦସାଓ" (ଉପାସକଦଶା) । ଏହି ଗ୍ରନ୍ଥରେ ଉପାସକମାନଙ୍କ କର୍ତ୍ତବ୍ୟ ସଂପର୍କରେ ବିସ୍ତୃତ ବର୍ଣ୍ଣନ କରାଯାଇଅଛି । ଉପାସକମାନେ କେଉଁ ପ୍ରକାରେ ରହିବା ଉଚିତ୍ ଏବଂ କେଉଁ କେଉଁ କର୍ତ୍ତବ୍ୟ କର୍ମମାନଙ୍କୁ କରିବା ଉଚିତ୍ - ଏହି ସବୁର ସୁନ୍ଦର ବର୍ଣ୍ଣନ ଏହି ଗ୍ରନ୍ଥରେ ପ୍ରାପ୍ତ ହୁଏ । ଏହି ଗ୍ରନ୍ଥରେ 'ସହାଜପୁତ୍' ନାମକ ଗୋଟିଏ କଥା ରହିଛି, ଯାହା ଅନେକ ଦୃଷ୍ଟିରୁ ଅତି ମହତ୍ୱପୂର୍ଣ୍ଣ ଜଣାଏ । 'ସହାଳପୁତ୍' ଜଣେ ଧନୀ କୁମ୍ଭକାର ଥିଲା, ଯେ ମଙ୍ଗଳିପୁତ ଗୋସାଳଙ୍କ ଅନୁଯାୟୀ ଥିଲା ଏବଂ ନିୟତିବାଦରେ ବିଶ୍ୱାସ କରୁଥିଲା । ପରନ୍ତୁ ମହାବୀର ତାକୁ ବିଭିନ୍ନ ଉପଦେଶମାନଙ୍କ ଦ୍ୱାରା ପ୍ରଭାବିତ କରି ନିଜର ଶିଷ୍ୟ କରିନେଇଥିଲା ଏବଂ ତାକୁ ନିୟତିବାଦରୁ ହଟାଇ କର୍ମବାଦର ସିଧାନ୍ତ ମାନଙ୍କରେ ଦୀକ୍ଷିତ କରିଥିଲେ । ଏହିପରି ଏହି ଅଧାୟ ଆଜୀବନ ସମ୍ପ୍ରଦାୟର ଇତିହାସ ଜାଣିବାପାଇଁ ନିତାନ୍ତ ଉପଯୋଗୀ ମନେହୁଏ ।

(୮-୯) ଅଷ୍ଟମ ଏବଂ ନବମ ଅଙ୍ଗ ଏକ ହିଁ ପ୍ରକାରର ଅଟେ ଏବଂ ସାହିତ୍ୟିକ ଦୃଷ୍ଟିରୁ ଏହି ଦୁଇ ଅଙ୍ଗର ମହତ୍ୱ ଅଧିକ ନୁହେଁ । ଅଷ୍ଟମ ଅଙ୍ଗର ନାମ 'ଅନ୍ତକୃତଦଶା' ଅର୍ଥାତ୍ ଯେ ସଂସାରକୁ ଅନ୍ତ କରିଦିଅନ୍ତି । ସେହି ସାଧୁମାନଙ୍କ ବିଷୟରେ ବର୍ଣ୍ଣିତ ଦଶ ଅଧାୟ ନାମକ ଜଣାପଡ଼େ ଯେ ଏହି ଗ୍ରନ୍ଥରୁ ଏଥିରେ ଦଶଟି ପରିଚ୍ଛେଦ ଅଛି, ପରନ୍ତୁ ଆଜିକାଲି ଏଥିରେ ଆଠ ଅଧାୟ ମାତ୍ର ଉପଲବ୍ଧ ହୁଏ ।

ନବମ ଅଙ୍ଗର ନାମ "ଅନୁତ୍ରୌପପାତିକଦଶା" ଅର୍ଥାତ୍ ସବୁଠାରୁ ଉଚ୍ଚ ସ୍ୱର୍ଗକୁ ପ୍ରାପ୍ତ କରିଥିବା ଯତିମାନଙ୍କ ବିଷୟରେ ଦଶ ଅଧାୟ । ଆଜିକାଲି ଏଥିର ତିନୋଟି ମାତ୍ର ଅଧାୟ ମିଳୁଛି । ଏହା ବହୁତ କିଛି ସୂତ୍ର ରୂପରେ ଲିଖିତ, ଯାହାର ପୂର୍ତ୍ତି ଉପଦେଶକ ନିଜ ଆଡୁ କରିଥିଲେ । ଧାର୍ମିକ ଦୃଷ୍ଟିରୁ ଏହି ଅଙ୍ଗ ଏଥିପାଇଁ ମହତ୍ୱପୂର୍ଣ୍ଣ ଯେ ଏଥିରେ ଭଗବାନ ଶ୍ରୀକୃଷ୍ଣ ଚରିତ ଜୈନ ଦୃଷ୍ଟିକୋଣରୁ ବର୍ଣ୍ଣିତ ହୋଇଅଛି । ବ୍ରାହ୍ମଣ ଗ୍ରନ୍ଥମାନଙ୍କଠାରୁ ଏଥିରେ ଅନେକ ଭେଦ ରହିଛି କାରଣ କୃଷ୍ଣଚନ୍ଦ୍ର ଏହି ଗ୍ରନ୍ଥରେ ଜୈନଧର୍ମର ଅନୁଯାୟୀ ସ୍ୱୀକୃତ ହୋଇଅଛନ୍ତି ।

(୧୦) ଦଶମ ଅଙ୍ଗର ନାମ 'ପ୍ରଶ୍ନବ୍ୟାକରଣ' । ଏଥିରେ ଜୈନଧର୍ମର ଉପଦେଶମାନଙ୍କ ବିଷୟରେ ପ୍ରଶ୍ନ ଅଛି ଏବଂ ତାହାର ତଦୁପରାନ୍ତ ସମାଧାନ ଅଛି । ଏଥିରେ ଜୈନଧର୍ମର ସିଧାନ୍ତ ମାନଙ୍କର ହିଁ କେବଳ ଉପନ୍ୟାସ ଅଛି ।

(୧୧) ଏକାଦଶ ଅଙ୍ଗର ନାମ 'ବିପାକସୂତ୍ର' । ବିପାକରଅ ର୍ଥ ହେଲା କର୍ମମାନଙ୍କର ପରିପକ୍ୱ ହେବା । ଅତଃ ଶୁଭ ଏବଂ ଅଶୁଭ କର୍ମମାନଙ୍କର ଫଳ ଏହି ଅଙ୍ଗରେ ବର୍ଣ୍ଣିତ ହୋଇଅଛି । ଗୌତମ ଇନ୍ଦ୍ରଭୂତି ସଂସାରର ପ୍ରାଣୀମାନଙ୍କୁ କ୍ଳେଶ ସମୁଦ୍ରରେ ବୁଡିଥିବର ଦେଖି ମହାବୀରଙ୍କୁ ସେମାନଙ୍କ ବିଷୟରେ ପ୍ରଶ୍ନ କରିଥିଲେ ଏବଂ ମହାବୀର ସେହି ପ୍ରାଣୀମାନଙ୍କର ପୂର୍ବଜନ୍ମର କଥା କହି କର୍ମାନୁରୂପ ଫଳପ୍ରାପ୍ତିର ବିଷୟ ବୁଝାଇଥିଲେ ।

## (ଖ) ଉପାଙ୍ଗ

(୧) ପ୍ରତ୍ୟେକ ଅଙ୍ଗସହିତ ଏକ ଉପାଙ୍ଗ ସମ୍ବନ୍ଧ ଅଟେ । ଉପାଙ୍ଗ ମାନଙ୍କର ସଂଖ୍ୟା ହେଲା ୧୨, ଯହିଁରୁ ସୂଚିତ ହୋଇଅଛି ଯେ ଅଙ୍ଗମାନଙ୍କର ସଂଖ୍ୟା କୌଣସି କାଳରେ ଦ୍ୱାଦଶ ହିଁ ରହିଥିଲା । ପ୍ରଥମ ଉପାଙ୍ଗର ନାମ "ଔପପାତିକ" । ଏହାର ପ୍ରଥମ ଭାଗରେ ମହାବୀରଙ୍କ ପୂର୍ଣ୍ୟଭଦ୍ର ମନ୍ଦିରକୁ ଯାତ୍ରା କରିବା ଏବଂ ତାଙ୍କ ଉପଦେଶ ଶୁଣିବାପାଇଁ ରଜା ବିମ୍ବିସାରଭ୍କ ପୁତ୍ର କୁଣିକ (ଅଜାତଶତ୍ରୁ)ଙ୍କର ସେଠାକୁ ଯିବା ଘଟଣାର ଦର୍ଶନ ଅଛି । ମହାବୀର ଯେଉଁ ଉପଦେଶ ଦେଇଥିଲେ ତାହା କର୍ମ ବିଷୟରେ ଅଯେ । ଦ୍ୱିତୀୟ ଖଣ୍ଡରେ ଗୌତମ ଇନ୍ଦ୍ରଭୂତିଙ୍କର ମହାବୀରଙ୍କ ପାଖକୁ ଯିବା ଏବଂ ତାକୁ ପୁନର୍ଜନ୍ମ ବିଷୟରେ ପ୍ରଶ୍ନ କରିବାର ଉଲ୍ଲେଖ ଅଛି । ମହାବୀର ତାଙ୍କ ଉତ୍ତରରେ ଶୋଭନ କର୍ମ କରୁଥିବା ପୁରୁଷମାନଙ୍କର ଫଳ-ପ୍ରାପ୍ତିର ବିବରଣ ଦେଇ ସ୍ୱର୍ଗଲୋକର ଯେଉଁ ବର୍ଣ୍ଣନ କରିଅଛନ୍ତି ତାହା ତୁଳନାତ୍ମକ ଦୃଷ୍ଟିରୁ ମହତ୍ୱପୂର୍ଣ୍ଣ ଅଟେ ।

(୨) ଦ୍ୱିତୀୟ ଉପାଙ୍ଗର ନାମ ହେଉଛି 'ରାଜପ୍ରଶ୍ନ' । ଏଥିରେ ରାଜା ପୟେସୀ ଏବଂ ଜୈନ ସାଧୁ କେଶୀଙ୍କ ମଧରେ ଆତ୍ମାର ଅସ୍ତିତ୍ୱ ବିଷୟରେ ବଡ଼ ରୋଚକ ସମ୍ବାଦ ଉପଲବ୍ଧ ହୁଏ । ରାଜା ଅତ୍ମାର ଅସ୍ତିତ୍ୱ ବିଷୟରେ ବିଶ୍ୱାସ କରୁ ନଥିଲେ । ପରନ୍ତୁ କେଶୀ ଯୁକ୍ତିମାନଙ୍କ ଦ୍ୱାରା ଦେହ ତଥା ଇନ୍ଦ୍ରିୟମାନଙ୍କଠାରୁ ଅତ୍ମାର ପୃଥକ୍ ସତ୍ୱା ସିଧ କରିଥିଲେ ଏବଂ ରାଜା ପୟେସୀଙ୍କ ଜୈନଧର୍ମରେ ଦୀକ୍ଷିତ କରିଥିଲେ । ଏହି ସଂବାଦ ଧାର୍ମିକ ଦୃଷ୍ଟିରୁ ଯେତେ ଉପାଦେୟ, ସାହିତ୍ୟିକ ଦୃଷ୍ଟିରୁ ସେତେ ରୋଚକ ଅଟେ ।

(୩-୪) ତୃତୀୟ ଏବଂ ଚତୁର୍ଥ ଉପାଙ୍ଗମାନଙ୍ଗ ନାମ ହେଉଛି ଯଥାକ୍ରମେ 'ଜୀବାଧିରାମ' ଏବଂ 'ପ୍ରଜ୍ଞାପନା' । ପ୍ରଥମ ଗ୍ରନ୍ଥରେ ଜଗତ୍‌ର ପ୍ରାଣୀମାନଙ୍କର ବିସ୍ତୃତ ଦର୍ଶନ ଅଛି ଏବଂ ସମୁଦ୍ର, ଦ୍ୱୀପ, ଦେବଲୋକ ଆଦିର ମଧ ଦର୍ଶନ ବିଶେଷ ରୂପରେ କରାଯାଇଅଛି । ଦ୍ୱିତୀୟ ଗ୍ରନ୍ଥରେ ମନୁଷ୍ୟମାନଙ୍କ ଭିତରେ ଥିବା ନାନାପ୍ରକାର ଭେଦର - ଆର୍ଯ୍ୟ, ଅନାର୍ଯ୍ୟ ଓ ମ୍ଳେଚ୍ଛ ଆଦିର ବିସ୍ତୃତ ବିବରଣ ପ୍ରସ୍ତୁତ କରାଯାଇଅଛି ।

(୫) ୫ମ ଉପାଙ୍ଗର ନାମ ହେଲା 'ଜମ୍ବୁଦ୍ୱୀପପ୍ରଜ୍ଞପ୍ତି' । 'ପ୍ରଜ୍ଞପ୍ତି'ର ଅର୍ଥ ହୋ ବର୍ଣ୍ଣନ । ଏହି ଗ୍ରନ୍ଥରେ ଜମ୍ବୁ ଦ୍ୱୀପର ଭୂଗୋଳର ବର୍ଣ୍ଣନ ଅଛି । ଏହି ଦ୍ୱୀପ ପ୍ରଧାନ ହେବାର କାରଣ

ହେଉଛି ଭାରତ ବର୍ଷରେ ତଥା ରାଜା ଭରତଙ୍କର ବର୍ଣ୍ଣନ ହିଁ ମୁଖ୍ୟତଃ କରାଯାଇଅଛି ।

(୬-୭) ଏହି ଉପାଙ୍ଗମାନଙ୍କର ନାମ ହେଲା 'ଚନ୍ଦ୍ରପ୍ରଜ୍ଞପ୍ତି' ଏବଂ 'ସୂର୍ଯ୍ୟପ୍ରଜ୍ଞପ୍ତି' । ପ୍ରଥମ ଗ୍ରନ୍ଥରେ ଚନ୍ଦ୍ରଙ୍କୁ ଏବଂ ଦ୍ୱିତୀୟ ଗ୍ରନ୍ଥରେ ସୂର୍ଯ୍ୟଙ୍କୁ ମୁଖ୍ୟ କେନ୍ଦ୍ରମାନ ଏହି ବ୍ରାହ୍ମାଣ୍ଡର ଜ୍ୟୋତିଷ ଦୃଷ୍ଟିରୁ ଅତି ଉପାଦେୟ ତଥା ବିସ୍ତୃତ ଦର୍ଶନ କରାଯାଇଅଛି । ଏହି ଗ୍ରନ୍ଥମାନଙ୍କର ଅନୁଶୀଳନ ଜୈନ ଜ୍ୟୋତିଷର ସିଧାନ୍ତମାନଙ୍କୁ ଜାଣିବା ପାଇଁ ନିତାନ୍ତ ଉପଯୋଗୀ ଅଟେ ।

(୮) ଅଷ୍ଟମ ଉପାଙ୍ଗର ନାମ ହେଉଛି 'ନିରୟାବଳୀ' । ଏଥିରେ ନରକର ଦର୍ଶନ ରହିଛି । ଚମ୍ପା ନରେଶଙ୍କ ଯେଉଁ ଭାଇ ଯୁଧରେ ନିହତ ହୋଇଥିଲେ ସେ ଯେଉଁ ନରକରେ ସ୍ଥାନ ପ୍ରାପ୍ତ କରିଥିଲେ ତାହା ବର୍ଣ୍ଣନ ଏହି ଗ୍ରନ୍ଥରେ ଅଛି ।

(୯) ନବମ ଉପାଙ୍ଗ ହେଉଛି 'କଳ୍ପାବତଂସ' । ଏଥିରେ ଅଷ୍ଟମ ଉପାଙ୍ଗରେ ବର୍ଣ୍ଣିତ ଚମ୍ପା ନରେଶଙ୍କ ଦଶ ପୁତ୍ରମାନଙ୍କ ବିଷୟରେ ବର୍ଣ୍ଣନ ଅଛି, ଯେଉଁମାନେ ଜୈନଧର୍ମକୁ ସ୍ୱୀକାର କରିଥିଲେ ଏବଂ ତଦନୁସାର ସ୍ୱର୍ଗଲୋକ ପ୍ରାପ୍ତ କରିଥିଲେ ।

(୧୦) ଦଶମ ଉପାଙ୍ଗ 'ପୁଷ୍ପିକ'ରେ ଦଶ ଦେବ ଏବଂ ଦେବୀଙ୍କର ବର୍ଣ୍ଣନ ଅଛି, ଯେଉଁମାନେ ନିଜର ପୁଷ୍ପକ ବିମାନରେ ଚଢ଼ିକରି ମହାବୀରଙ୍କ ପାଖକୁ ଶ୍ରଧା ପ୍ରଦର୍ଶନ କରିବାପାଇଁ ଆସିଥିଲେ । ସେମାନଙ୍କ ପୂର୍ବଜନ୍ମର କଥା ଏହି ଉପାଙ୍ଗରେ ଦିଆଯାଇଅଛି ।

(୧୧) ଏକାଦଶ ଉପାଙ୍ଗ 'ପୁଷ୍ପଚୂଳିକ' ରେ ମଧ ଏହି ପ୍ରକାରର ଦଶ କଥା ଉଲ୍ଲିଖିତ ହୋଇଅଛି ।

(୧୨) ଦ୍ୱାଦଶ ଉପାଙ୍ଗ 'ବୃଷ୍ଣିଦଶା' ରେ ଜୈନସାଧୁ ଅରିଷ୍ଟନେମିଙ୍କ ଦ୍ୱାରା ବୃଷ୍ଣିବଂଶ (ଯାଦବ) ରାଜକୁମାର ମାନଙ୍କର ଜୈନ ଧର୍ମରେ ଦୀକ୍ଷିତ କରାଯାଇଥିବାର ବର୍ଣ୍ଣନ ଅଛି । ପ୍ରଥମ କଥା କୃଷ୍ଣଚନ୍ଦ୍ରଙ୍କ ପୁତୁରା ତଥା ବଳରାମଙ୍କ ପୁତ୍ର 'ନିଷଧ'ଙ୍କର ଜୈନ ଧର୍ମରେ ଦୀକ୍ଷିତ ହେବା ବିଷୟକ ଅଟେ । ଏହିପରି କୃଷ୍ଣଙ୍କ କଥାସହିତ ସମ୍ବନ୍ଧ ହେବା କାରଣ ଏହି ଉପାଙ୍ଗ ତୁଳନାତ୍ମକ ଦୃଷ୍ଟିରୁ ମହତ୍ୱପୂର୍ଣ୍ଣ ଅଟେ । ଅନ୍ତିମ ୫ ଉପାଙ୍ଗ (୮-୧୨) ଏକ ହିଁ ଗ୍ରନ୍ଥର ଭିନ୍ନ ଭିନ୍ନ ଅଧ୍ୟାୟ ଅଟେ ।

## (ଗ) ପ୍ରକୀର୍ଣ୍ଣକ

ଏହି ବିଭାଗରେ ଛୋଟ-ବଡ଼ ଦଶ ଗ୍ରନ୍ଥମାନଙ୍କର ସମାବେଶ କରାଯାଏ । ଏହି ସବୁ ଗ୍ରନ୍ଥ ଅଧିକତର ଛନ୍ଦୋବଧ ଅଟନ୍ତି ଏବଂ ଜୈନଧର୍ମ ସହିତ ସମ୍ବନ୍ଧ ରଖିଥିବା ବିଭିନ୍ନ ବିଷୟମାନଙ୍କର ବର୍ଣ୍ଣନ କରିଅଛନ୍ତି । ତନ୍ମଧରୁ ଦୁଇଟି ଗ୍ରନ୍ଥର ନିର୍ଦ୍ଦେଶ ଏଠାରେ କରାଯାଇଛି ।

ଚତୁଃଶରଣ - ଜୈନଧର୍ମ ଅନୁସାରେ ପ୍ରତ୍ୟେକ ସାଧକକୁ ଅହତ, ସିଧ, ସାଧୁ, ତଥା ଧର୍ମ ଏହିପରି ଚାରି ବସ୍ତମାନଙ୍କର ଶରଣ ନେବା ଉଚିତ୍ । ତେଷଠୀ ପଦ୍ୟରେ ଏହି ଚାରିପ୍ରକାର ଶରଣର ବର୍ଣ୍ଣନ ଏହି ଗ୍ରନ୍ଥରେ କରାଯାଇଅଛି । ପ୍ରକୀର୍ଣ୍ଣକର ଅନ୍ୟ ଗ୍ରନ୍ଥମାନଙ୍କରେ ସଂସାରର

ପ୍ରମାନଙ୍କରୁ ସର୍ବଥା ନିଜକୁ ମୁକ୍ତ କରିବାଲାଗି ଜୈନସାଧୁଙ୍କ ପାଇଁ ମୃତ୍ୟୁବିଧାନ ପ୍ରକ୍ରିୟାର ଦର୍ଶନ ଅଛି ।

ତଣ୍ଡୁଳ-ବୈତାଳିକ - ଏଥିରେ ଶରୀର ରଚନାର ବିଶେଷ ବର୍ଣ୍ଣନ ରହିଛି । ଭ୍ରୂଣର ଜୀବନ, ମନୁଷ୍ୟର ଦଶ ଅବସ୍ଥା, ଶରୀରରସ୍ଥ ହାଡ଼ମାନଙ୍କର ସଂଖ୍ୟା ଅଦି ବିଷୟମାନଙ୍କର ଉପଯୁକ୍ତ ବର୍ଣ୍ଣନ ଏହି ଗ୍ରନ୍ଥରେ କରାଯାଇଅଛି ।

## (ଘ) ଛେଦସୂତ୍ର

'ଛେଦ' ଶବ୍ଦର ଅର୍ଥ ହେଲା କାଟିବା । ଜୈନଧର୍ମ ଅନୁସାରେ ଛେଦ ହେଉଛି ଏକପ୍ରକାରର ପ୍ରାୟଶ୍ଚିତ । ବହୁତ ସମ୍ଭବ ଏହି କାରଣରୁ ଏହି ବିଭାଗର ଏହିପରି ନାମକରଣ ହୋଇଅଛି । ଏହି ଛେଦ ସୂତ୍ରମାନଙ୍କରେ ବୌଧ ସାହିତ୍ୟର ବିନୟପିଟକ ପରି ସାମଗ୍ରୀ ଉପଲବ୍ଧ ହୁଏ । ଭିକ୍ଷୁ ତଥା ଭିକ୍ଷୁଣୀମାନଙ୍କ ଜୀବନ, ବ୍ରତ ଏବଂ ପାୟଶ୍ଚିତର ବିଧାନ, ଯତିମାନଙ୍କ ପାଇଁ ସମସ୍ତ ନିୟମ ମାନଙ୍କର ଆବଶ୍ୟକ ବିଧାନ ଏହି ଛେଦସୂତ୍ରମାନଙ୍କରେ ଉପଲବ୍ଧ ହୁଏ । ଏହି ଛେଦସୂତ୍ରମାନଙ୍କ ମଧରେ ସବୁଠାରୁ ମହତ୍ୱପୂର୍ଣ୍ଣ ଗ୍ରନ୍ଥ ହେଲା ୫ମ ଛେଦସୂତ୍ର ଯାହାର ଅନ୍ୟ ନାମ ହେଉଛି ବୃହତ୍ କଳ୍ପସୂତ୍ର । ଭିକ୍ଷୁ ଏବଂ ଭିକ୍ଷୁଣୀଙ୍କ ନିୟମ, ଦିନଚର୍ଯ୍ୟା, ବ୍ରତ, ଉପବାସ, ପ୍ରାୟଶ୍ଚିତ ଆଦି ସମଗ୍ର ବିଷୟର ବିବେଚନ ହେଉଛି ବୃହତ୍ କଳ୍ପସୂତ୍ରର ପ୍ରଧାନ ବିଷୟ । ଏହି ବିଭାଗର ଅନ୍ୟ ଗ୍ରନ୍ଥ ଏହାର ପୂରକ ମାତ୍ର ଅଟେ ।

## (ଙ) ସୂତ୍ର

ଜୈନ ଆଗମର ଏହି ୫ମ ଖଣ୍ଡରେ ଦୁଇ ସୂତ୍ର ଗ୍ରନ୍ଥର ଉଲ୍ଲେଖ ମିଳେ । (୧) ନନ୍ଦୀସୂତ୍ର ଓ (୨) ଅନୁଯୋଗଦ୍ୱାରା ସୂତ୍ର । ଏହି ଦୁଇଟି ଗଦ୍ୟାତ୍ମକ ଅଟନ୍ତି । ମଝିରେ ମଝିରେ ବିଭିନ୍ନ ଛନ୍ଦୋବଧ ରଚନା ସମାବେଶ ଦେଖାଯାଏ । ନନ୍ଦୀସୂତ୍ରର ରଚନା ଦେବଧି ଗଣିଙ୍କଦ୍ୱାରା କରାଯାଇଥିଲା । ଏହି ଦେବଧି ଗଣି ଜୈନ ଆଗମର ଅନ୍ତିମ ସଂଶୋଧନ କରିଥିଲେ । ଏହି ଗ୍ରନ୍ଥରେ ଚବି। ତୀର୍ଥଙ୍କରମାନଙ୍କର ଏବଂ ଏଗାର ଗଣଧରମାନଙ୍କର ତଥା ଗୋଟି, ଥେରାବଳୀର (ଅଧାପକମାନଙ୍କର ସୂଚୀ ଦିଆଯାଇଅଛି ।

ଅନୁଯୋଗଦ୍ୱାରର ରଚନା ପ୍ରଶ୍ନୋତ୍ର ରୂପରେ ହୋଇଅଛି । ଏହି ଦୁଇ ଗ୍ରନ୍ଥ ଜୈନଧର୍ମ ପାଇଁ ବିଶ୍ୱକୋଷ ସମାନ ଅଯେ । ଏଥିରେ ଜୈନତର ସିଧାନ୍ତ (ମିଥ୍ୟାଶ୍ରୁତ) ତଥା ଲୌକିକ ବିଦ୍ୟାମାନଙ୍କର ମଧ ମନୋରଞ୍ଜକ ବିବରଣ ପ୍ରସ୍ତୁତ କରାଯାଇଅଚି । ରାମାୟଣ, ମହାଭାରତ, ସାଂଖ୍ୟା, ବୈଶେଷିକ, ଲୋକାୟତ, ଭାଗବତ, ପୁରା. ଗଣିତ, ନାଟକ, ବେଦାଙ୍ଗ ସହିତ ଚାରିବେଦ ଆଦି ବିଷୟମାନଙ୍କର ଦର୍ଶନ ଥିବାଯୋଗୁଁ ଅନୁଯୋଗ ଦ୍ୱାରା ଐତିହାସିକ ଦୃଷ୍ଟିରୁ ନିଃସନ୍ଦିଗ୍ଧ ମହତ୍ୱପୂର୍ଣ୍ଣ ।

## (ଚ) ମୂଳସୂତ୍ର

ଏହି ସୂତ୍ରମାନଙ୍କୁ ମୂଳସୂତ୍ର କାହିଁକି କୁହାଯାଏ । ଏହାର ସଠିକ୍ ଉତ୍ର ମିଳେନାହିଁ ।

କେତେ ବିଦ୍ୱାନ୍‌ଙ୍କ ଅନୁମାନ ଯେ ମହାବୀରଙ୍କ ମୂଳ ସିଧାନ୍ତମାନଙ୍କ ପ୍ରତିପାଦକ ହେବା କାରଣରୁ ଏପରି ନାମକରଣ କରାଯାଇଅଛି । ଆଉ କେତେକ ବିଦ୍ୱାନ୍‌ଙ୍କ ମତରେ ସାଧନାର ଆରମ୍ଭ (ମୂଳ)ରେ ଉପଯୋଗୀ ହେବା କାରଣ ଏସବୁକୁ ମୂଳସୂତ୍ର କୁହାଯାଏ । ମୂଳସୂତ୍ରମାନଙ୍କ ମଧରେ ପ୍ରଥମ ସୂତ୍ରଗ୍ରନ୍ଥ ହେଉଛି "ଉତ୍‌ରାଧୟନ ସୂତ୍ର" ଯାହା ଜୈନଧର୍ମ ଏବଂ ଜୈନ ଦର୍ଶନ ଦୃଷ୍ଟିରୁ ଜୈନଆଗମର ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଗ୍ରନ୍ଥ ଅଟେ । ଏଥିରେ ପ୍ରାଚୀନ କାଳର ବହୁ ଧାର୍ମିକ କମିତା, ପଦ୍ୟ-ବଧ ଅଖ୍ୟାନ, ବାର୍ତ୍ତାଳାପ ଆଦି ନିତାନ୍ତ ରୋଚକ ତଥା ଉପାଦେୟ ବିଷୟମାନଙ୍କର ସଂକଳନ ଅଛି । ପ୍ରାଚୀନ ସମୟର ଅନେକ ଐତିହାସିକ କାହାଣୀ ଏହାର ମହତ୍ୱକୁ ଆହୁରି ବଢ଼ାଇ ଦେଇଅଛି । ଏହି ଗ୍ରନ୍ଥରେ ଛତିଶଗୋଟି ଅଧାୟ ରହିଛି । ତ୍ରୟୋବିଂଶ ଅଧାୟରେ ପାର୍ଶ୍ୱନାଥ ତଥା ମହାବୀରଙ୍କ ଶିଷ୍ୟମାନଙ୍କ ମଧରେ ନିଜ ସମ୍ପ୍ରଦାୟର ମୂଳ ସିଧାନ୍ତମାନଙ୍କର ଅତି ଉପାଦେୟ ବର୍ଣ୍ଣନ ଅଛି । ଦ୍ୱାବିଂଶ ଅଧାୟରେ କୃଷ୍ଣଚନ୍ଦ୍ରଙ୍କ ଜୀବନୀସହିତ ସମ୍ବନ୍ଧ ରଖୁଥିବା ଏକ ବଡ଼ ସୁନ୍ଦର କଥା ଦିଆଯାଇଅଛି ।

ଦ୍ୱିତୀୟ ମୂଳସୂତ୍ରର ନାମ ହେଲା "ଆବଶ୍ୟକ ସୂତ୍ର' । ଏଥିରେ ଛଅଗୋଟି ଅଧାୟ ଅଛି ଏବଂ ପୁରା ଗ୍ରନ୍ଥରେ ଜୈନମାନଙ୍କ ପାଇଁ ଆବଶ୍ୟକ ଛଅଟି ବିଷୟର ବର୍ଣ୍ଣନ ରହିଛି । ତୃତୀୟ ମୂଳସୂତ୍ର ହେଉଛି 'ଦଶବୈକାଳିକ । ଏଥିରେ ଯତି ଜୀବନ ସହିତ ସମ୍ବନ୍ଧ ରଖୁଥିବା ଅତି ସୁନ୍ଦର ସୂକ୍ତିମାନ ଅଛି ଯାହାକୁ ପଢ଼ିଲେ ଧର୍ମପଦର ଗାଥାମାନଙ୍କର ସ୍ମରଣ ଆସେ । ଏହାର ଟୀକାରେ ପ୍ରାଚୀନ ସମୟର ବହୁତ ସରସ-ସୁନ୍ଦର ଆଖ୍ୟାୟିକାମାନ ଦିଆଯାଇଅଛି । ଚତୁର୍ଥ ତଥା ଅନ୍ତିମ ମୂଳସୂତ୍ରର ନାମ ହେଉଛି 'ପିଣ୍ଡନିର୍ଯୁକ୍ତି' । ଭଦ୍ରବାହୁ ଏହାର ଲେଖକ କୁହାଯାନ୍ତି । ଏଥିରେ ବ୍ରତ, ଉପବାସ ଆଦିର ବିଧାନ ଅଛି ।

ଶ୍ୱେତାମ୍ବରୀ ଜୈନ ଆଗମର ବିଭିନ୍ନ ଗ୍ରନ୍ଥମାନଙ୍କର ଏହା ହେଉଛି ସଂକ୍ଷିପ୍ତ ଦର୍ଶନ ।

## ଆଗମର ଟୀକାମାନ

ଉପର୍ଯ୍ୟୁକ୍ତ ଆଗମ ଗ୍ରନ୍ଥମାନଙ୍କର ଟୀକାସବୁ ପ୍ରାକୃତ ଏବଂ ସଂସ୍କୃତରେ ଲେଖାଯାଇଅଛି । ପ୍ରାକୃତ ଟୀକାମାନଙ୍କୁ ନିର୍ଯୁକ୍ତି, ଭାଷ୍ୟ ଏବଂ ଭୂର୍ଣୀ ନାମରେ ଅଭିହିତ କରାଯାଏ । ଉପଲବ୍ଧ ନିଯୁକ୍ତି ସବୁ ଭଦ୍ରବାହୁ ଦ୍ୱିତୀୟଙ୍କ ରଚନା ଅଟେ, ଯାହାଙ୍କ ସମୟ ହେଉଛି ବିକ୍ରମୀ ୫ମ ବା ଷଷ୍ଠ ଶତାବ୍ଦୀ । ଜିନଭଦ୍ର ନିଜର ଭଷ୍ୟମାନଙ୍କରେ ଦର୍ଶନ ବିଷୟମାନଙ୍କ ଅତ୍ୟନ୍ତ ତାତ୍ୱିକ ଚର୍ଚ୍ଚା କରିଅଛନ୍ତି । ତୂର୍ଣୀମାନଙ୍କର ରଚନା ହେଉଛି ସପ୍ତମ ଏବଂ ଅଷ୍ଟମ ଶତାବ୍ଦୀର । ଚୂର୍ଣୀକାରମାନଙ୍କ ମଧରେ ଜିନଦାସ ମହତ୍‌ର ପ୍ରସିଧ ଅଟନ୍ତି । ଚୂର୍ଣ୍ଣୀମାନଙ୍କରେ ଭାଷ୍ୟର ବିଷୟ ସଂକ୍ଷେପରେ ଗଦ୍ୟରେ ଲେଖାଯାଇଛି । ଜୈନ ଆଗମାନଙ୍କ ଉପରେ ସଂସ୍କୃତ ଟୀକାମାନ ମଧ ଅନେକ ଉପଲବ୍ଧ ହୁଏ, ଯନ୍ମଧରେ ଆଚାର୍ଯ୍ୟ ହରିଭଦ୍ରଙ୍କ (୮୦୦ ବିକ୍ରମାବ୍ଦ) ସଂସ୍କୃତ ଟୀକା ହେଉଛି ସବୁଠାରୁ ପ୍ରାଚୀନ । ହରିଭଦ୍ରଙ୍କ ପରେ ଆଗମମାନଙ୍କର ସଂସ୍କୃତ ଟୀକାକାରମାନଙ୍କ ମଧରେ ମୁଖ୍ୟ ହେଲେ - (୧) ଶୀଳାଙ୍କ ସୂରୀ (ଦଶମ ଶତାବ୍ଦୀ), (୨) ଶାକ୍ୟାଚାର୍ଯ୍ୟ, (୩ ଅଭୟଦେବ (୧୦୭୨ ବିକ୍ରମୀ-୧୧୩୫ ବିକ୍ରମା) । ଏମାନେ ନବ ଅଙ୍ଗମାନଙ୍କ ଉପରେ ସଂସ୍କୃତରେ ବ୍ୟାଖ୍ୟା ଲେଖିଛନ୍ତି । (୪) ମଳୟଗିରି (ଦ୍ୱାଦଶ ଶତାବ୍ଦୀ) । ଏହି ଆଗମ ଉପରେ ଦାର୍ଶନିକ ପ୍ରମେୟଦ୍ୱାରା ଯୁକ୍ତ ସଂସ୍କୃତ ବ୍ୟାଖ୍ୟା ଲେଖିଅଛନ୍ତି ।

# ଦିଗମ୍ବର ଆଗମ

ଆଜକାଲି ଯେଉଁ ଗ୍ରନ୍ଥ ଜୈନ ଆଗମ ନାମରେ ପ୍ରସିଧ ତାହା ଶ୍ୱେତାମ୍ବର ମତାନୁଯାୟୀ ଅଟେ । ସେହି ଗ୍ରନ୍ଥରେ ପ୍ରାମାଣିକତା ବିଷୟରେ ଦିଗମ୍ବର ସମ୍ପ୍ରଦାୟ ଟିକିଏ ମଧ ଆସ୍ଥା ରଖେ ନାହିଁ । ଏମାନଙ୍କ ଅନୁସାରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସମକାଳୀନ ପାଟଳୀପୁତ୍ର ସଂଘର ଅଧକ୍ଷ ଭଦ୍ରବାହୁ ହିଁ ଅନ୍ତିମ ଶ୍ରୁତକେବଳୀ ଥିଲେ, ଯାହାଙ୍କର ସମସ୍ତ ଆଗମମାନଙ୍କରେ ଯଥାର୍ଥ ଜ୍ଞାନ ଥିଲା । ଭଦ୍ରବାହୁଙ୍କ ପରେ 'ପୂର୍ବ' ଏବଂ 'ଅଙ୍ଗ' ମାନଙ୍କର ଜ୍ଞାନ ଧୀରେ ଧୀରେ ବିଲୁପ୍ତ ହୋଇଗଲା । କାଳକ୍ରମେ ଏପରି ବିଷମ ସ୍ଥିତି ଉପସ୍ଥିତି ହେଲା ଯେ ଜନତା ମଧରେ ଜୈନ ସିଧାନ୍ତ ମାନଙ୍କରେ ପ୍ରଚାର କଥା ତ ଦୂରେ ଥାଉ, ପ୍ରାଚୀନ ମାନ୍ୟଗ୍ରନ୍ଥ ମାବଙ୍କର ବିଶେଷଜ୍ଞ ଖୋଜିଲେ ମଧ ମିଳିବା କଠିନ ହୋଇଗଲା ।

ଆଚାର୍ଯ୍ୟ ଧରସେନଙ୍କ ପ୍ରତି ଅତ୍ୟନ୍ତ କୃତଜ୍ଞ ରହିବାର କଥା ଯେ ସେ 'ପୂର୍ବ' ଗ୍ରନ୍ଥ ମାନଙ୍କର ଅବଶିଷ୍ଟ ଭାଗମାନଙ୍କୁ ଏକତ୍ର କରି ଗୋଟିଏ ନବୀନ ଗ୍ରନ୍ଥର ଧାରା ପ୍ରବର୍ତ୍ତିତ କରିଥିଲେ, ଯାହା ମଧ ଯୁଗରେ ଟୀକା ଏବଂ ଭାଷ୍ୟମାନଙ୍କଦ୍ୱାରା ସଂବଳିତ ହୋଇ ବୃଧିଙ୍ଗତ ହୋଇଚାଲିଲା । ସେହି ସବୁ ଗ୍ରନ୍ଥମାନଙ୍କର ବର୍ଣ୍ଣନ ଏଠାରେ କ୍ରମ ଅନୁସାରେ କରାଯାଉଅଛି ।

## (୧) ଷଟ୍‌ଖଣ୍ଡାଗମ

ଆଚାର୍ଯ୍ୟ ଧରସେନଙ୍କ ନିବାସ ଗିରନାର ପର୍ବତ ଉପରେ ଥିଲା । ଏହାଙ୍କ ସ୍ଥିତିକାଳ ବୀରନିର୍ବାଣ ସଂବତ୍ ୬୮୩ ଅଟେ । ତାଙ୍କର ଦୁଇ ପ୍ରଧାନ ଶିଷ୍ୟ ଥିଲେ ଯଥା - ପୁଷ୍ପଦନ୍ତ ଏବଂ ଭୂତବଳୀ । 'ପୂର୍ବ' ର ଅନ୍ତର୍ଗତ "ମହାକର୍ମ ପ୍ରକୃତି" ନାମକ ଏକ ପାହୁଡ଼ (ପ୍ରାଭୃତ) ଥିଲା ଯହିଁରେ କୃତି, ବେଦନା ଆଦି ୨୪ ଅଧିକାର ଅଥବା ଖଣ୍ଡ ଥିଲା । ପୁଷ୍ପଦନ୍ତ ଏବଂ ଭୂତବଳି ଆଚର୍ଯ୍ୟ ଧରସେନଙ୍କ ପାଖରେ ଏହି ପାହୁଡ଼ର ଅନୁଶୀଳନ କରିଥିଲେ ଏବଂ ପ୍ରଥମ ଛଅ ଅଧିକାର ବା ଖଣ୍ଡୁ ପରେ ସୂତ୍ର ରୂପରେ ରଚନା କରିଥିଲେ । ଛଅ ଖଣ୍ଡରେ ବିଭକ୍ତ ହେବା କାରଣ ଏହି ଗ୍ରନ୍ଥର ନାମ "ଷଟ୍‌ଖଣ୍ଡାଗମ" ଅଟେ । ଏହି ଛଅ ଖଣ୍ଡମାନଙ୍କର ନାମ ଏହିପରି ଯଥା (୧) ଜୀବସ୍ଥାନ, (୨) କ୍ଷୁଦ୍ର କବନ୍ଧ, (୩ଃ ବନ୍ଧସ୍ୱାମିତ୍, (୪) ବେଦନା, (୫) ବର୍ଗଣା ଏବଂ (୬) ମହାବନ୍ଧ । ଏହି ଆଗମର ରଚନା କାଳ ହେଉଛି ବିକ୍ରମୀ ଦ୍ୱିତୀୟ ଶତାବ୍ଦୀ । ଏହି ଆଗମ ଗ୍ରନ୍ଥ କର୍ମ ଏବଂ ଜୀବ ସିଧାନ୍ତ ବିଷୟରେ ମାର୍ମିକ ବିବେଚନା କରିଅଛି । ଏହାର ସାରଗର୍ଭିତ ଅର୍ଥକୁ ପ୍ରକଟ କରିବାପାଇଁ ପ୍ରାଚୀନକାଳରେ ଏହା ଉପରେ ଅନେକ ଟୀକା ଲେଖାଯାଇଥିଲା । ପରନ୍ତୁ ସବୁଠାରୁ ବିସ୍ତୃତ ପ୍ରମାଣିକ ତଥା ଉପଯୋଗୀ ଟୀକା ଯାହା ଉପଲବ୍ଧ ହୁଏ ତାହାର ନାମ ହେଲା 'ଧବଳା ଟୀକା' । ବିସ୍ତାର ତଥା ପ୍ରାମାଣ୍ୟ ହେତୁ ଏହି ଗ୍ରନ୍ଥକୁ ବିରାଟ୍ ଗ୍ରନ୍ଥରାଜ କୁହାଯାଇପାରେ । ଏହାର ରଚୟିତା ଥିଲେ ଆଚାର୍ଯ୍ୟ ବୀରସେନ ସ୍ୱାମୀ, ଯେ ନିଜ ସମୟରେ ଜୈନ ଆଗମର ବହୁତ ବଡ଼ ବିଶେଷଜ୍ଞ ଥିଲେ । ଆଚାର୍ଯ୍ୟ ବୀରସେନ ନିଜକୁ ସିଧାନ୍ତ, ଛନ୍ଦ, ଜ୍ୟୋତିଷ, ବ୍ୟାକରଣ ଏବଂ ପ୍ରମାଣ ଶାସ୍ତ୍ରମାନଙ୍କରେ ନିପୁଣ କହିଅଛନ୍ତି । ଜିନସେନ ବୀରସେନଙ୍କୁ ବାଦିମୁଖ୍ୟ, ଲୋକବିତ, ବାଗ୍ମୀ ଏବଂ କବି ଅତିରିକ୍ତ ଶ୍ରୁତକେବଳୀ ତୁଲ୍ୟ ମଧ କହିଅଛନ୍ତି । ଗୁଣଭଦ୍ର ବୀରସେନଙ୍କୁ ସମସ୍ତ ବାଦୀମାନଙ୍କୁ ତ୍ରସ୍ତ କରିବାକୁ ସମର୍ଥ ଏବଂନିଜ

ଶରୀର ଜ୍ଞାନ ଓ ଚାରିତ୍ର୍ୟ ସାମଗ୍ରୀ ଦ୍ୱାରା ସୁସମ୍ପନ୍ନ ବୋଲି କହିଅଛନ୍ତି । ଜିନସେନ ଦ୍ୱିତୀୟ ତାଙ୍କୁ ଚକ୍ରବର୍ତ୍ତୀ ବୋଲି କହିଅଛନ୍ତି । ବୀରସେନ ତିନିଗୋଟି ଗ୍ରନ୍ଥ ରଚନା କରିଥିଲେ, ଯନ୍ମଧରୁ ଦୁଇ ଗ୍ରନ୍ଥ ଆଜି ଉପଲବ୍ଧ ହୁଏ । ପ୍ରଥ ଗ୍ରନ୍ଥ 'ଧବଳା ଟୀକା' ଏବଂ ଅନ୍ୟଟି 'ଜୟଧବଳା' ।

**ଧବଳା ଟୀକା :** ଏହି ଗ୍ରନ୍ଥରେ ମୂଳ ଆଗମ ମାନଙ୍କର ଆରମ୍ଭିକ ୫ ଖଣ୍ଡରେ ବିସ୍ତୃତ ତଥା ବିଶାଳକାୟ ବ୍ୟାଖ୍ୟା ରହିଅଛି । ଏହି ଗ୍ରନ୍ଥର ସମାପ୍ତି ୮୧୬ ଖ୍ରୀଷ୍ଟାବ୍ଦରେ ହୋଇଥିଲା ସେ ସମୟରେ କର୍ଣ୍ଣାଟକରେ ରାଷ୍ଟ୍ରକୂଟବଂଶୀ ନରେଶ ଜଗଭୁଙ୍ଗ ଦେବ (ଗୋବିନ୍ଦ ତୃତୀୟ) ରାଜ୍ୟ ସିଂହାସନ ତ୍ୟାଗ କରିଥିଲେ ଏବଂ ତାଙ୍କ ପୁତ୍ର ଅମୋଘ ବର୍ଷ ରାଜ୍ୟ ସିଂହାସନରେ ବିରାଜମାନ ଥିଲେ । ଏହିପରି ଧବଳାର ରଚନା ନବମ ଶତାବ୍ଦୀର ଆରମ୍ଭକାଳରେ ହୋଇଥିଲା । ଟୀକାକୁ 'ଧବଳା' କୁହାଯିବାର କାରଣ ଜଣାପଡୁଛି ଯେ ଯେଉଁ ରାଷ୍ଟ୍ରକୂଟ- ନରେଶ ଅମୋଘବର୍ଷଙ୍କ ସମୟରେ ଏହି ପୁସ୍ତକ ଲେଖଯାଇଥିଲା ତାଙ୍କର ଉପାଧି ଅତିଶୟ 'ଧବଳ' ଦିଆଯାଇଥିଲା । 'ଧବଳ' ର ଅର୍ଥ ହେଲା ବିଶୁଧ । ଅତଃ ଅତିଶୟ ବିଶୁଧ ହେବା ତଥା ମୂଳଗ୍ରନ୍ଥର ବିଶୁଧ ବ୍ୟାଖ୍ୟାନ କାରଣ ଏହି ଟୀକାର ଏପରି ନାମକରଣ ହୋଇଅଛି ।

**ମହାଧବଳ :** ଷଟ୍‌ଖଣ୍ଡାଗମର ଅନ୍ତିମ ଖଣ୍ଡର ନାମ ହେଲା ମହାବଧ । ଏହାର ରଚନା ଭୂତବଳି ସ୍ୱାମୀ କରିଥିଲେ । ବୀରସେନ ସ୍ୱାମୀ ଲେଖିଛନ୍ତି ଯେ ସ୍ୱୟଂ ମୂଳଲେଖକ ଭୂତବଳୀ ମହାବଧକୁ ଏତେ ବିସ୍ତାରସହିତ ଲେଖିଛନ୍ତି ଯେ ତା' ଉପରେ ଟୀକା ଲେଖିବାର କୌଣିସ ଆବଶ୍ୟକତା ନଥିଲା । ସାମାନ୍ୟତୟା ଏହା ବୁଝାଯାଏ ଯେ ଧବଳା ତଥା ଜୟଧବଳା ପରି ମହାଧବଳା ମଧ ଏକ ଟୀକା ଗ୍ରନ୍ଥ ଅଟେ । ପରନ୍ତୁ ଏଡି ଗ୍ରନ୍ଥମାନଙ୍କର ଅନୁଶୀଳନରୁ ଏହା ସ୍ପଷ୍ଟ ହୁଏ ଯେ ମହାଧବଳ ଶାସ୍ତ୍ର ଟୀକାଗ୍ରନ୍ଥ ନ ହୋଇ ମୂଳଗ୍ରନ୍ଥ ଅଟେ । 'ଷଟ୍‌ଖଣ୍ଡାଗମ'ର ଅନ୍ତିମ ଣ୍ଡ 'ମହାବଧ' ହିଁ ପଣ୍ଡିତ ସମାଜରେ ମହାଧବଳ ନାମରେ ପ୍ରସିଧ । ଷଟ୍‌ଖଣ୍ଡାଗମର ଆରମ୍ଭରୁ ୧୭୭ ସୂତ୍ରମାନଙ୍କର ରଚନା ପୁଷ୍ପଦନ୍ତାଚାର୍ଯ୍ୟ କରିଥିଲେ । ତତ୍ ପରବର୍ତ୍ତି ସମଗ୍ର ଆଗମଶାସ୍ତ୍ରର ରଚନା ଆଚାର୍ଯ୍ୟ ଭୂତବଳି ସ୍ୱାମୀ କରିଥିଲେ । ସମଗ୍ର ମହାବଧ ଏହି ଆଚାର୍ଯବର୍ଗଙ୍କ ଚମତ୍କାରଜନକ କୃତି ଅଟେ । ଏ ନିଜ ସମୟରେ ବଡ଼ ମହନୀୟ ମନ୍ତ୍ରଶାସ୍ତ୍ରରେ ନିପୁଣ ଜୈନାଚାର୍ଯ୍ୟ ଥିଲେ । ଏହାଙ୍କର ପ୍ରକାଣ୍ଡ ପାଣ୍ଡିତ୍ୟର ତଥା ଦାର୍ଶନିକ ଜ୍ଞାନର ଯେତେ ପ୍ରଶଂସା କରାଯିବ ତାହା ସ୍ତବ୍ଧ ହେବ । ମହାବଧର ବିସ୍ତାର ୪୦,୦୦୦ ଶ୍ଳୋକ ପରିମାଣ ଅଟେ । ଏହାର ଭାଷା ବିଶୁଧ ପ୍ରାକୃତ ଏବଂ ଏଥିରେ 'ଧବଳା' ତଥା 'ଜୟଧବଳା' ତୁଲ୍ୟ ସଂସ୍କୃତ ତଥା ପ୍ରାକୃତ ଭାଷାର ମିଶ୍ରଣ ନାହିଁ ।

"ମହାବଧ"ର ବିଷୟ ହେଉଛି ଜୈନମତାନୁସାର କର୍ମର ସୂକ୍ଷ୍ମ ବିବେଚନ । କଷାୟର ସମ୍ବନ୍ଧରୁ ଜୀବକର୍ମରୁ ଯୋଗ୍ୟ ପୂଦ୍‌ଗଳମାନଙ୍କୁ ଯିଏ ଗ୍ରହଣ କରେ ତାକୁ ହିଁ 'ବନ୍ଧ' କହନ୍ତି । ବନ୍ଧ ହେଉଛି ଚାରି ପ୍ରକାର ଯଥା - (୧) ପ୍ରକୃତି, (୨) ସ୍ଥିତି, (୩) ଅନୁରାଗ ସ (୪) ପ୍ରଦେଶ । ଅବାନ୍ତର ବିଭେଦଦ୍ୱାରା ଯୁକ୍ତ ଏହି ଚାରି ପ୍ରକାରର ବିବେଚନ 'ମହାବନ୍ଧ' ଗ୍ରନ୍ଥ ରତ୍ନରେ ବହୁ ବିସ୍ତାର ସହିତ କରାଯାଇଛି । ବନ୍ଧର ସାଙ୍ଗୋପାଙ୍ଗ ବିବେଚନ ହେବା କାରଣ ଏହି ଗ୍ରନ୍ଥର 'ମହାବନ୍ଧ' ନାମ ହେଉଛି ଯଥାର୍ଥ । ପରବର୍ତ୍ତୀ ଦିଗମ୍ବରୀ ଜୈନ ଦାର୍ଶନିକମାନେ କର୍ମର ବିବେଚନ ଏହି ଗ୍ରନ୍ଥର ଆଧାର ଉପରେ କରିଅଛନ୍ତି । ଏହି ପ୍ରକାର ବିବେଚନର ସର୍ବାଙ୍ଗୀନତା,

ପ୍ରତିପାଦନ ଶୈଳୀର ବିଶଦତା, ଦାର୍ଶନିକ ତତ୍ୱମାନଙ୍କର ଗମ୍ଭୀରତା, ପ୍ରଭାବର ବ୍ୟାପକତା - ଏହିସବୁ ଦୃଷ୍ଟିରୁ ସମୀକ୍ଷା କଲେ ଏହି ଗ୍ରନ୍ଥ ସାମାନ୍ୟ ଗ୍ରନ୍ଥ ନହୋଇ ଏକ ମହାନ୍ ତଥା ବିରାଟ୍ ଗ୍ରନ୍ଥ ମନେହୁଏ ।

**(୨)କସାୟ ପାହୁଡ଼ :** ଦିଗମ୍ବର ସମ୍ପ୍ରଦାୟର ଏହା ହେଉଛି ଗୋଟିଏ ମାନ୍ୟ ଗ୍ରନ୍ଥ । ଏହାର ରଚୟିତା ହେଉଛନ୍ତି ଆଚାର୍ଯ୍ୟ ଗୁଣଧର । ଏ ପୂର୍ବୋକ୍ତ ଆଚାର୍ଯ୍ୟ ଭୂତବଳିଙ୍କ ସମକାଳୀନ ଥିଲେ । ଏହି ଗ୍ରନ୍ଥର ରଚନାକାଳ ବିକ୍ରମୀ ଦ୍ୱିତୀୟ ଶତକ ଅଟେ । କସାୟର ଅଭିପ୍ରାୟ କଷାୟ ଅଟେ, ଯାହାର ଅର୍ଥ ହେଉଛି ରାଗ-ଦ୍ୱେଷ । ମୋହନୀୟ କର୍ମର ରାଗ ଓ ଦ୍ୱେଷ ଦୁଇ ପ୍ରଧାନ ପ୍ରକାର ଅଟନ୍ତି ଏବଂ ସେହିସବୁର ବିସ୍ତୃତ ବିବେଚନ ହେଉଛି ଏହି ଗ୍ରନ୍ଥର ପ୍ରଧାନ ଲକ୍ଷ୍ୟ । ଏହି ଗ୍ରନ୍ଥ ୧୫ଦଶ ଅଧିକାରମାନଙ୍କର ବିଭକ୍ତ, ଯହିଁରେ କର୍ମସିଧାନ୍ତ ସହିତ ସମ୍ବନ୍ଧ ନାନାପ୍ରକାରରର ଜୈନଧାରଣା ଅତ୍ୟନ୍ତ ବିସ୍ତାର ସହିତ ନିରୂପିତ କରାଯାଇଅଛି ।

**ଚୂର୍ଣ୍ଣିଗ୍ରନ୍ଥ -** ଆଚାର୍ଯ୍ୟ 'ଯତିବୃଷଭ' କସାୟପାହୁଡ଼ ନାମକ ଗ୍ରନ୍ଥ ଉପରେ ପ୍ରାକୃତରେ ବିଶାଳ ଭାଷ୍ୟ ଲେଖିଅଛନ୍ତି, ଯାହାକୁ ଚୂର୍ଣ୍ଣିସୂତ୍ର କୁହାଯାଏ । ମୂଳଗ୍ରନ୍ଥରେ କେବଳ ଦୁଇଶହ ତେତିଶ ଗୋଟି ଗାଥା ଅଛି, ପରନ୍ତୁ ଚୂର୍ଣ୍ଣିଗ୍ରନ୍ଥରେ ଛଅ ହଜାର ଶ୍ଳୋକ ରହିଛି । ଗୁଣଧରଙ୍କ ଶିଷ୍ୟ ପରମ୍ପରାରେ ଆର୍ଯ୍ୟ ମଂକ୍ଷୁ ତଥା ନାଗହସ୍ତି ଦୁଇ ପ୍ରଧାନ ଆଚାର୍ଯ୍ୟ ଥିଲେ, ଯେଉଁମାନେ ବି କସାୟପାହୁଡ଼ର ଅନୁଶୀଳନ ଅତ୍ୟନ୍ତ ଅଧ୍ୟବସାୟସହିତ କରିଥିଲେ । ସେହିମାନଙ୍କଠାରୁ ଏହି ଗ୍ରନ୍ଥର ସାଙ୍ଗୋପାଙ୍ଗ ଅଧ୍ୟୟନ କରି ଆଚାର୍ଯ୍ୟ ଯତିବୃଷଭ ମୂଳଅର୍ଥର ବିଶଦରୂପରେ ପ୍ରତିପାଦନ କରିବା ନିର୍ମିତ୍ ଏହି ଚୂର୍ଣ୍ଣି ସୂତମାନଙ୍କର ରଚନା କରିଥିଲେ । ସେହି ସମୟର ଏ ମହାନ୍ ଦାର୍ଶନିକ ଥିଲେ । ଏହାଙ୍କ ସମୟ ହେଉଛି ବୀରନିର୍ବାଣ ସମ୍ବତ୍ ୧୦୦୦ ପାଖାପାଖି । ଏହିପରି ଚୂର୍ଣ୍ଣିଗ୍ରନ୍ଥର ରଚନା ବିକ୍ରମୀ ୫ମ ବା ଷଷ୍ଠ ଶତକରେ ହୋଇଥିଲା ।

ଜୟଧବଳା - ମୂଳଗ୍ରନ୍ଥ କସାୟପାହୁଡ଼ ଏବଂ ଚୂର୍ଣ୍ଣିସୂତ୍ର ଉପରେ ଏହା ବିଶାଳକାୟ ବ୍ୟାଖ୍ୟା ଗ୍ରନ୍ଥ । ପରିମାଣରେ ଏହା ଚୂର୍ଣ୍ଣି ଗ୍ରନ୍ଥଠାରୁ ଦଶ ଗୁଣ ବଡ଼ ଏବଂ ଏଥିରେ ଷାଠିଏ ହଜାର ଶ୍ଳୋକ ଅଛି । ଏହାର ଲେଖକ ହେଉଛନ୍ତି ଆଚାର୍ଯ୍ୟ ବୀରସେନ ଯେ ଷଟ୍‌ଖଣ୍ଡାଗମର 'ଧବଳା' ନାମକ ପାଣ୍ଡିତ୍ୟପୂର୍ଣ୍ଣ ବ୍ୟାଖ୍ୟା ଲେଖିଥିଲେ । ଏହି ଗ୍ରନ୍ଥର କେବଳ ତୃତୀୟାଂଶ ଭାଗ ଲେଖିବା ପରେ ବୀରସେନ ନିର୍ବାଣପ୍ରାପ୍ତ ହୋଇଥିଲେ । ତଦନନ୍ତର ତାଙ୍କ ଶିଷ୍ୟ ଆଚାର୍ଯ୍ୟ ଜିନସେନ ଗ୍ରନ୍ଥର ଶେଷଭାଗକୁ ପୂର୍ଣ୍ଣ କରିଥିଲେ । ଏହି ଗ୍ରନ୍ଥର ରଚନା ରାଷ୍ଟ୍ରକୂଟ ନରେଶ ଅମୋଘବର୍ଷଙ୍କ ସମୟରେ କରାଯାଇଥିଲା । 'ଜୟଧବଳା'ର ସମାପ୍ତି ୮୩୭ ଖ୍ରୀଷ୍ଟାବ୍ଦରେ ହୋଇଥିଲା । ପୂର୍ବରୁ ଧବଳାର ସମାପ୍ତି ୮୧୬ ଖ୍ରୀଷ୍ଟାବ୍ଦରେ ହୋଇସାରିଥିଲା । ଏହିପରି 'ଜୟଧବଳା' ହେଉଛି ଧବଳାଠାରୁ ୨୧ ବର୍ଷ ସାନ ଜୟଧବଳା ଟୀକାର ରଚନା ମଣିପ୍ରବାଳ ଶୈଳୀ ଅନୁସାରେ କରାଯାଇଥିଲା । ଏହି ଗ୍ରନ୍ଥରେ ପ୍ରାକୃତ ଏବଂ ସଂସ୍କୃତର ମିଶ୍ରଣ ହୋଇଅଛି । ଜୟଧବଳା ଟୀକାର ପ୍ରଶସ୍ତିରେ କୁହାଯାଇଅଛି -

ଅମୋଘବର୍ଷ-ରାଜେନ୍ଦ୍ର-ରାଜ୍ୟ-ପ୍ରାକ୍ୟ ଗୁଣୋଦୟା ।
ନିଷ୍ଠିତା ପ୍ରଚୟଂ ୟାୟାତ୍ ଆକଳ୍ପ ମନଳ୍ପିକା ।।
ଏକୋନଷଷ୍ଟି ସମଧିକ ସପ୍ତଶତାବ୍ଦେଷୁ ଶକନରେନ୍ଦ୍ରସ୍ୟ ।
ସମତୀତେଷୁ ସମାପ୍ତା ଜୟଧବଳା ପ୍ରାଭୃତ ବ୍ୟାଖ୍ୟା ।।

ଧବଳା ଅପେକ୍ଷା ଜୟଧବଳା ଟୀକା ପ୍ରାକୃତ ବହୁଳ ଅଟେ, ଏଥିବରେ ପ୍ରାୟ ଦାର୍ଶନିକ ଚର୍ଚ୍ଚା ଏବଂ ବ୍ୟୁତ୍ପତି ଆଦିରେ ହିଁ ସଂସ୍କୃତ ଭାଷାର ବହୁତ ଉପଯୋଗ କରାଯାଇଅଛି । ଜୈନ ସିଧାନ୍ତର ପ୍ରତିପାଦନ ପାଇଁ ପ୍ରାକୃର ହିଁ ଅବଲମ୍ବନ କରାଯାଇଅଛି । ଏହି ଟୀକା ଏତେ ପୌଢ଼ ଏବଂ ପ୍ରମେୟବହୁଳା ଯେ ଲେଖକ ଦ୍ୱୟଙ୍କର ଅସାଧାରଣ ପାଣ୍ଡିତ୍ୟ ତଡା ଅଗାଧ ବିଦ୍‌ବତା ଯେକୌଣସି ଆଲୋଚକଙ୍କୁ ବିସ୍ମୟରେ ପକାଇଥାଏ ।

ଏହିପରି ଦିଗମ୍ବର ଜୈନ ଆଗମର ଦ୍ୱିବିଧ ଧାରା ସ୍ଫୁଟତୟା, ଲକ୍ଷିତ ହୁଏ । ପ୍ରଥମ ଧାରା ଷଟ୍‌ଖଣ୍ଡାଗମରେ ଏବଂ ଦ୍ୱିତୀୟ ଧାରା ଲକ୍ଷିତ ହୁଏ କସାୟପାହୁଡ଼ରେ । ମୂଳଗ୍ରନ୍ଥମାନଙ୍କରେ ସିଧାନ୍ତ ବିଭିନ୍ନତା ହେବା କାରଣ ଏକ ହିଁ ଲେଖକଦ୍ୱାରା ବିରଚିତ ହୋଇ ମଧ ଧବଳା ଏବଂ ଜୟଧବଳାରେ ସ୍ଥାନେ ସ୍ଥାନେ ପାର୍ଥକ୍ୟ ରହିଛି । ଏହି ଆଗମ ଗ୍ରନ୍ଥମାନଙ୍କର ଆଶ୍ରୟ ନେଇ କାଳାନ୍ତରରେ ବିଦ୍ୱାନ୍‌ମାନେ ନବୀନ ଗ୍ରନ୍ଥମାନଙ୍କର ରଚନା କରିଥିଲେ । ଏହି ତିନି ଆଗମ ଗ୍ରନ୍ଥମାନଙ୍କର ସାରାଂଶ ଆଚାର୍ଯ୍ୟ ନେମିଚନ୍ଦ୍ର ସିଧାନ୍ତ ଚକ୍ରବର୍ତ୍ତ ନିଜ ବିଖ୍ୟାତ ଗ୍ରନ୍ଥ "ଗୋମଟ୍ଟସାର" ତଡା "ଲବ୍ଧିସାର କ୍ଷପଣାସାର" ରେ ପ୍ରସ୍ତୁତ କରିଅଛନ୍ତି । ଏହି ସଂଗ୍ରହ ଗ୍ରନ୍ଥ ପ୍ରାକୃତ ଗାଥା ନିବଧ ଅଟେ, ଯହିଁରେ ଜୀବନ, କର୍ମ ତଥା କର୍ମମାନଙ୍କର କ୍ଷପଣ ଅଥବା ନାଶର ଅତି ସୁନ୍ଦର ବର୍ଣ୍ଣନ ରହିଛି । ଏତେ ମହତ୍ୱପୂର୍ଣ୍ଣ ଗ୍ରନ୍ଥ ବହୁକାଳ ପର୍ଯ୍ୟନ୍ତ କର୍ଣ୍ଣାଟକ ଦେଶସ୍ଥିତ ମୂଡ଼ବିଦ୍ରୀର ଜୈନ ଭଣ୍ଡାରରେ ହସ୍ତଲିଖିତ ରୂପରେ ପଡ଼ିଥିଲା । ଏବେ ଧବଳାର ପ୍ରକାଶନ ଅମରାବତୀରୁ, ଜୟଧବଳାର ପ୍ରକାଶନ ମଥୁରାରୁ ଏବଂ ମହାବନ୍ଧର ପ୍ରକାଶନ କାଶୀ ଭାରତୀୟ ଜ୍ଞାନପୀଠାରୁ ହୋଇଅଛି । ଏହି ଗ୍ରନ୍ଥରତ୍ନମାନଙ୍କର ପ୍ରକାଶନ ଜୈନ ଆଗମ ମାନଙ୍କର ଅଧ୍ୟୟନ ପାଇଁ ନବଯୁଗର ସୂଚକ ଅଟେ ।

## ଜୈନ ପୁରାଣ

ଯେଉଁ ଗ୍ରନ୍ଥ ମାନଙ୍କରେ ପ୍ରାଚୀନ ମହାପୁରୁଷମାନଙ୍କର ପୁଣ୍ୟଚରିତ ବର୍ଣ୍ଣନା କରାଯାଏ ସେ ସବୁକୁ 'ପୁରାଣ' କହନ୍ତି । ଜୈନ ଧର୍ମରେ ତ୍ରିଷଷ୍ଠୀସଂଖ୍ୟକ ବିଶେଷ ପ୍ରଭାବଶାଳୀ ମାନନୀୟ ବ୍ୟକ୍ତି ପ୍ରାଚୀନକାଳରେ ପ୍ରତିଷ୍ଠା ଲାଭ କରିଥିଲେ, ସେମାନଙ୍କୁ 'ଶଳାକାପୁରୁଷ' କୁହାଯାଏ । ଏହି ଶଳାକାପୁରୁଷମାନଙ୍କ ମଧ୍ୟରେ ୨୪ ଜଣ ତୀର୍ଥଙ୍କର, ୧୨ ଜଣ ଚକ୍ରବର୍ତ୍ତୀ, ୯ ଜଣ ବଳଦେବ, ୯ ଜଣ ବାସୁଦେବ ଏବଂ ୯ ଜଣ ପ୍ରତିବାସୁଦେବ ଅଛନ୍ତି । ଏହି ମହାପୁରୁଷମାନଙ୍କର ଜୀବନଚରିତ ଦର୍ଶନ କରିବା ଏହି ଜୈନ ପୁରାଣମାନଙ୍କର ଲକ୍ଷ୍ୟ । ଦିଗମ୍ବର ଲୋକେ ଏହି ଗ୍ରନ୍ଥମାନଙ୍କୁ 'ପୁରାଣ' ନାମରେ ଅଭିହିତ କରନ୍ତି ଏବଂ ଶ୍ୱେତାମ୍ବର ଲୋକେ ଏମାନଙ୍କୁ 'ଚରିତ୍ର' କହନ୍ତି । ରାମାୟଣ, ମହାଭାରତ, ତଥା ଭାଗବତର ସୁପ୍ରସିଧ ଆଖ୍ୟାନମାନଙ୍କୁ ଜୈନଲୋକ ନିଜର କରିନେଇ ରାମ, କୃଷ୍ଣ ଏବଂ ପାଣ୍ଡବମାନଙ୍କୁ ଜୈନଧର୍ମର ଅନୁଯାୟୀ ବୋଲି

ଦେଖାଅଛନ୍ତି । ବ୍ରାହ୍ମଣ କଥାମାନଙ୍କ ସହିତ ଜୈନ ଆଖ୍ୟାନମାନଙ୍କର ତୁଳନା କଲେ ଅନେକ ମହତ୍ୱପୂର୍ଣ୍ଣ ବିଷୟ ଜଣାଯାଇପାରିବ, ଯାହା ଧାର୍ମିକ ସାହିତ୍ୟର ଇତିହାସପାଇଁ ଅତ୍ୟନ୍ତ ମୂଲ୍ୟବାନ ।

ରାମଚରିତ - ରାମଚରିତର ସବୁଠାରୁ ପ୍ରାଚୀନ ପ୍ରତିପାଦକ କାବ୍ୟଗ୍ରନ୍ଥ ହେଲା -

(୧) ପଉମଚରିୟ - (ପଦ୍ମଚରିତ) ଅଟେ । ଯାହା ବିଶୁଧ ଜୈନ ମହାରାଷ୍ଟ୍ରୀ ପ୍ରାକୃତରେ ତଥା ଆର୍ଯ୍ୟ ଛନ୍ଦମାନଙ୍କରେ ନିବଧ କରାଯାଇଅଛି । ଜୈନ ଗ୍ରନ୍ଥମାନଙ୍କରେ ପଦ୍ମଭ ଅଭିପ୍ରାୟ ହେଲା ରାମଚନ୍ଦ୍ର । ବିମଳସୂରି ଏହି ଗ୍ରନ୍ଥର ରଚୟିତା ଅଟନ୍ତି । ପରିମାଣ ତଥା ସୌନ୍ଦର୍ଯ୍ୟ ଉଭୟଦୃଷ୍ଟିରୁ ଏହି ଗ୍ରନ୍ଥ ହେଉଛି ଅନୁପମ । ଏଥିରେ ଏକଶହ ଅଠର ଗୋଟି ସର୍ଗ (ଉଦ୍ଦେଶ୍ୟ) ଅଛି । ଏହାର କବିତା ଅତିସୁନ୍ଦର, ସ୍ୱାଭାବିକ ତଥା ସରସ ଅଟେ । ଏହି ଗ୍ରନ୍ଥକୁ ଆଦର୍ଶ ମାନି ପରବର୍ତ୍ତୀ କାଳରେ ଜୈନକବିମାନେ ରାମଚରିତର ବର୍ଣ୍ଣନ କରିଅଛନ୍ତି । 'ପଉମଚରିୟ'ର ରଚନାକାଳ ହେଲା ବୀରନିର୍ବାଣ ସଂବତ୍ ୫୩୦ ବା ବିକ୍ରମୀ ୬୦ ଶବ୍ଦ ।

(୨) ପଦ୍ମଚରିତ - ଏହା ପ୍ରାକୃତ 'ପଉମଚରିୟ'ର ହେଉଛି ସଂସ୍କୃତ ରୂପ । ଏହାର ରଚୟିତା ରବିଷେଣ ଅଟନ୍ତି, ଯେ ବିକ୍ରମୀ ୬୩୪ ଅବ୍ଦରେ ଏହି କାବ୍ୟ ରତ୍ନର ରଚନା କରିଥିଲେ । କବିତା ଦୃଷ୍ଟିରୁ ଏହା ହେଉଚି ଶ୍ଳାଘନୀୟ ରଚନା । ଅନୁଷ୍ଟୁପ୍ ଛନ୍ଦମାନଙ୍କର ବିଶେଷତଃ ପ୍ରୟୋଗ ଅଛି । ଏହି ପଦ୍ୟ ସରଳ ହୋଇ ମଧ ସ୍ୱାଭାବିକତା ତଥା ସରସତାରେ ସମ୍ପନ୍ନ ଅଟେ । ଜୈନକାବ୍ୟ ହେବା କାରଣ ହିଂସା କରିବାର ଦୁଷ୍ପରିଣାମର ବିସ୍ତୃତ ବର୍ଣ୍ଣନ ଅନେକ ଅଧାୟ ମାନଙ୍କରେ କରାଯାଇଅଛି ।

(୩) ଉତ୍ତରପୂରାଣ - ୩୮ ପର୍ବରେ ଏବଂ ହେମଚନ୍ଦ୍ରଙ୍କ ପ୍ରସିଧଗ୍ରନ୍ଥ 'ତ୍ରିଷଷ୍ଠୀଶଳାକାପୁରୁଷ ଚରିତର ସପ୍ତମ ପର୍ବରେ ରାମଚରିତର ପ୍ରଶସ୍ତ ବର୍ଣ୍ଣନ କରାଯାଇଅଛି ।

ମହାଭାରତ କଥା (୧) ମହାଭାରତର କଥାକୁ ମଧ ଜୈନ ଲୋକେ ନିଜର କରିଅଛନ୍ତି । ଏହି ବିଷୟରେ ସବୁଠାରୁ ପ୍ରାଚୀନ ଗ୍ରନ୍ଥ ହେଲା 'ହରିବଂଶ ପୁରାଣ' ଯାହାର ପୁରା ନାମ ହେଲା ବୃହତ୍ ହରିବଂଶ ପୁରାଣ ବା ଅରିଷ୍ଟନେମି ପୁରାଣ ସଂଗ୍ରହ ହରିବଂଶ । କବି ଜିନସେନ ଏହି ଗ୍ରନ୍ଥର ରଚୟିତା ଅଟନ୍ତି ଏବଂ ସେ ୭୮୩ ଖ୍ରୀଷ୍ଟାବ୍ଦରେ ଏହି ଗ୍ରନ୍ଥର ରଚନା କରିଥିଲେ । ଏଥିରେ କୃଷ୍ଣ ଏବଂ ବଳରାମଙ୍କ ବିଷୟମାନ ଜୈନଦୃଷ୍ଟିରୁ ନିବଧ କରାଯାଇଅଛି । କୃଷ୍ଣଙ୍କ ସହିତ ସମ୍ବନ୍ଧ ଦ୍ୱାବିଂଶ ତୀର୍ଥଙ୍କର ଅରିଷ୍ଟନେମି ବା ନେମିଙ୍କର ଜୀବନ ଚରିତ ନିବଧ କରାଯାଇଅଛି । ଏ କୃଷ୍ଣଙ୍କର ମାମୁଁ ପୁଅ ଭାଇ ଥିଲେ । କବିଙ୍କ ମତରେ କୌରବ, ପାଣ୍ଡବ, କୃଷ୍ଣ ଆଦି ସମସ୍ତ ମହାପୁରୁଷ ଜୈନଧର୍ମ ସ୍ୱୀକାର କରି ନିର୍ବାଣ ପ୍ରାପ୍ତ କରିଅଛନ୍ତି । ଏହି ଗ୍ରନ୍ଥରେ୬୬ ଗୋଟି ସର୍ଗ ରହିଅଛି ।

(୨) ସକଳକୀର୍ତ୍ତି ଏବଂ ତାଙ୍କ ଶିଷ୍ୟ ଜିନବାସ ୫ଦଶ ଶତାବ୍ଦୀରେ ଅନ୍ୟ ଏକ ହରିବଂଶ ରଚନା କରିଥିଲେ । ଏହି କାବ୍ୟଗ୍ରନ୍ଥ କେବଳ ୪୯ ଗୋଟି ଅଧାୟ ବିଶିଷ୍ଟ ଏବଂ ପ୍ରଥମ ହରିବଂଶଠାରୁ ଛୋଟ ।

(୩) ମଳଧାରୀ ଦେବପ୍ରଭ ସୂରି ପାଖାପାଖି ୧୨୦୦ ଖ୍ରୀଷ୍ଟାବ୍ଦରେ "ପାଣ୍ଡବଚରିତ" ନାମକ ଗ୍ରନ୍ଥ ଲେଖିଥିଲେ । ଏଥିରେ ୧୮ ଟି ସର୍ଗ ରହିଛି, ଯହିଁରେ ମହାଭାରତର ୧୮ ଗୋଟି ପର୍ବର କଥା ସଂକ୍ଷେପ ରୂପରେ ଦିଆଯାଇଛି । ଜୈନଧର୍ମ ସମ୍ମତ ଅନେକ ବିଷୟର ବର୍ଣ୍ଣନ ମଧ ସ୍ଥାନେ ସ୍ଥାନେ କରାଯାଇଅଛି ।

ରାମ ଏବଂ କୃଷ୍ଣଙ୍କ ଅତିରିକ୍ତ ଅନ୍ୟ ମହାପୁରୁଷ (ଶଳାକାପୁରୁଷ) ମାନଙ୍କର ଚରିତ ନିମ୍ନଲିଖିତ ଗ୍ରନ୍ଥମାନଙ୍କରେ ନିବଧ କରାଯାଇଅଛି ।

(୧) ମହାପୁରାଣ - ଏହାର ପୁରା ନାମ ହେଲା ତ୍ରିଷଷ୍ଠୀଲକ୍ଷଣ ମହାପୁରାଣ । ଏହାର ରଚୟିତା ଆଚାର୍ଯ୍ୟ ଜିନସେନ ଏବଂ ତାଙ୍କ ଶିଷ୍ୟ ଗୁଣଭଦ୍ର । ଗ୍ରନ୍ଥର ରଚନାକାଳ ହେଉଛି ନବମ ଶତକର ଆରମ୍ଭ । ଜିନସେନ ୬୩ ଜଣ ଶଳାକାପୁରୁଷଙ୍କ ଜୀବନଚରିତ ଲେଖିବବା ଇଚ୍ଛାରେ ଏହି ମହାପୁରାଣର ଆରମ୍ଭ କରିଥିଲେ, ପରନ୍ତୁ ମଝିରେ ତାଙ୍କର ଦେହାନ୍ତ ହୋଇଯିବା କାରଣରୁ ଏଡାର ପୂର୍ତ୍ତି ତାଙ୍କ ଶିଷ୍ୟ ଗୁଣଭଦ୍ର କରିଥିଲେ । ମହାପୁରାଣର ଦୁଇଟି ଭାଗ ଅଛି (କ) ଆଦିପୁରାଣ ଏବଂ (ଖ) ଉତ୍ତରପୁରାଣ । ଆଦି ପୁରାଣରେ ପ୍ରଥମ ତୀର୍ଥଙ୍କର ଆଦିନାଥ ବା ଋଷଭଦେବଙ୍କ ଚରିତ ରହିଛି । ଉତ୍ତରପୁରାଣରେ ଅନ୍ୟ ୬୨ ଜଣ ଶଳାକା ପୁରୁଷମାନଙ୍କର ଚରିତ ଅଛି । ଆଦି ପୁରାଣରେ ୧୨ ହଜାର ଶ୍ଳୋକ ତଥା ୪୭ ଗୋଟି ପର୍ବ ବା ଅଧ୍ୟାୟ ରହିଛି ।

ଏହି ଗ୍ରନ୍ଥରେ ଜଗତ୍‌ର ସୃଷ୍ଟି ତଥା ଜୈନଧର୍ମର ଉପଦେଶମାନଙ୍କର ବ୍ୟାପକ ସଂଗ୍ରହ କରାଯାଇଅଛି । ମହାପୁରାଣର ରଚୟିତାମାନଙ୍କର ମତ ହେଲା ଯେ ଜୈନଧର୍ମ ସବୁଠାରୁ ପ୍ରାଚୀନ ଏବଂ ହିନ୍ଦୁଧର୍ମ ଜୈନଧର୍ମର ହେଉଛି ବିକୃତ ରୂପ । ଜିନସେନ ରାଷ୍ଟ୍ରକୂଟ ନରେଶ ଅମୋଘବର୍ଷ (୮୧୫-୮୭୭ ଖ୍ରୀଷ୍ଟାବ୍ଦ)ଙ୍କ ପ୍ରିୟପାତ୍ର ଥିଲେ । ଅତଃ ଏହି ଗ୍ରନ୍ଥର ରଚନାକାଳ ନବମ ଶତାବ୍ଦୀର ପ୍ରଥମାର୍ଧ । ଏହି ଜିନସେନ ହରିବଂଶ ପୁରାଣରେ ରଚୟିତା ଜିନସେନଙ୍କ ଠାରୁ ସର୍ବଦା ଭିନ୍ନ ଅଟନ୍ତି ।

(୨) ତ୍ରୀଷଷ୍ଠୀଶଳାକା ପୁରୁଷଚରିତ - ପ୍ରସିଧ ହେମଚନ୍ଦ୍ରାଚାର୍ଯ୍ୟ ଏହି ବିରାଟ ଗ୍ରନ୍ଥର ରଚୟିତା ଅଟନ୍ତି । ଏଥିରେ ଦଶଗୋଟି ପର୍ବ ବା ସର୍ଗ ଅଛି । ଶ୍ୱେତାମ୍ବର ଜୈନମାନଙ୍କର ଏହି ଗ୍ରନ୍ଥ ହେଉଛି ବହୁତ ଲୋକପ୍ରିୟ । ଏହାର ଏକ ପରିଶିଷ୍ଟ ଗ୍ରନ୍ଥ ମଧ ଉପଲବ୍ଧ ହୁଏ , ଯାହାର ନାମ ହେଲା ପରିଶିଷ୍ଟ ପର୍ବ ବା ସ୍ଥବିରାବଳୀ ଚରିତ । ଏହି ଗ୍ରନ୍ଥରେ ମହାବୀରଙ୍କ ଶିଷ୍ୟମାନଙ୍କ ଚରିତ ନିବଧ କରାଯାଇଅଛି । ଶ୍ୱେତାମ୍ବର ସମ୍ପ୍ରଦାୟ ଅନୁସାରେ ଜୈନଧର୍ମରେ ଇତିହାସ ଜାଣିବାପାଇଁ ଏହି ଗ୍ରନ୍ଥ ହେଉଛି ଅତ୍ୟନ୍ତ ଉପାଦେୟ । ଏଥିରେ ପ୍ରାଚୀନ କାହାଣୀମାନଙ୍କର ମଧ ବିଶାଳ ସଂଗ୍ରହ କରାଯାଇଅଛି ।

ପରବର୍ତ୍ତୀ ଯୁଗରେ ଜୈନ କବିମାନେ କତିପୟ ତୀର୍ଥଙ୍କରମାନଙ୍କ ଚରିତକୁ ନେଇ ମନୋରମ କାବ୍ୟମାନଙ୍କର ରଚନା କରିଅଛନ୍ତି ।

***